


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୫୮ ● ୨୯ ମାର୍ଚ୍ଚ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-58 ● 29th March 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ଏପ୍ରିଲ ୧ରୁ ନୂଆ ସୁଭଦ୍ରା ପଞ୍ଜୀକରଣ

ଭୁବନେଶ୍ୱର, ୨୮ ।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ସୁଭଦ୍ରା ଯୋଜନା' ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରଙ୍କ ଅନୁମୋଦନ କ୍ରମେ, ଆସନ୍ତା ଏପ୍ରିଲ ପହିଲା ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ।






ଅର୍ଥାତ୍ ୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଆବେଦନ ଅବଧି ରହିବ। ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ।

ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଉପଲବ୍ଧ ହେବ। ସୁଭଦ୍ରା ଯୋଜନାରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

# ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ : ୫ ମୃତ

ଦଶପଲ୍ଲା, ୨୮ ।୩

ନ୍ୟୁଜ୍ ବ୍ୟୁରୋ

ନୟାଗଡ଼ ଜିଲ୍ଲାରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଥିବା ଏକ ଦୁଃଖଦ ସଡକ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି, ଯେତେବେଳେ କି ୪୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଦଶପଲ୍ଲା ଥାନା ଅଞ୍ଚଳର ଟାକେରା ନିକଟସ୍ଥ ହନୁମାନ ଘାଟିରେ ଘଟିଛି। ମୃତକମାନଙ୍କ ମଧ୍ୟରେ ବସ୍ ଚାଳକ ସହିତ ଚାରିଜଣ ମହିଳା ରହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଏକ ଘରୋଇ ପର୍ଯ୍ୟଟକ ବସ୍‌ରେ ପ୍ରାୟ ୬୦ ଯାତ୍ରୀ ବ୍ରହ୍ମପୁରରୁ ହରିଶଙ୍କର ବୁଲିବାକୁ ଯାଉଥିଲା ବେଳେ ହନୁମାନ ଘାଟୀ ନିକଟରେ ଗୋଟିଏ ତୀକ୍ଷ୍ଣ ମୋଡ଼ରେ ଚାଳକ ନିୟନ୍ତ୍ରଣ ହରାଇଦେବାରୁ ବସ୍‌ଟି ଗୋଟିଏ ବଡ଼ ପଥର ସହ ଧକ୍କା ଖାଇ ଓଲଟି ପଡ଼ିଥିଲା।



ଦୁର୍ଘଟଣା ଏତେ ଭୟାବହ ଥିଲା ଯେ କେତେକ ଯାତ୍ରୀ ବସ୍‌ରୁ ବାହାରକୁ ଛିଟିକି ପଡିଥିଲେ, ଯେତେବେଳେ କି ୧୦ରୁ ଅଧିକ ଲୋକ ବସ୍‌ର ତଳେ ଅଟକିଯାଇଥିଲେ। ସୂଚନା ମିଳିବା ମାତ୍ରେ ଦଶପଲ୍ଲା ଏବଂ ବଣିଗୋଛା ଥାନା ପୋଲିସ, ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ଗ୍ୟାସ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ ଓ ସହାୟତା ଘୋଷଣା

ଭୁବନେଶ୍ୱର, ୨୮ ।୩ : ନ୍ୟୁଜ୍ ବ୍ୟୁରୋ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ହନୁମାନ ଘାଟି ନିକଟରେ ଘଟିଥିବା ଦୁଃଖଦ ଦୁର୍ଘଟଣାରେ (ପୃଷ୍ଠା ୭ରେ)

# ପଶ୍ଚିମ ଏସିଆ ସଙ୍କଟ ଯୋଗୁ ପୂରା ବିଶ୍ୱ ଚିନ୍ତିତ, ଭାରତ ଦୃଢତାର ସହ କରୁଛି ମୁକାବିଲା

ନୋଏଡା, ୨୮ ।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ସଙ୍କଟ ସମ୍ପର୍କରେ କହିଛନ୍ତି ଯେ ଆଜି ସମ୍ପୂର୍ଣ୍ଣ ବିଶ୍ୱ ଏଥିପାଇଁ ଚିନ୍ତିତ । ପଶ୍ଚିମ ଏସିଆରେ ଗତ ଏକ ମାସ ଧରି ଯୁଦ୍ଧ ଚାଲିଛି। ଏହି ଯୁଦ୍ଧର କାରଣରୁ ଅନେକ ଦେଶରେ ଖାଦ୍ୟପଦାର୍ଥ, ପେଟ୍ରୋଲ, ଡିଜେଲ, ଗ୍ୟାସ, ସାର ଭଳି ଅନେକ ଆବଶ୍ୟକ ବସ୍ତୁର ଅଭାବ ସୃଷ୍ଟି ହୋଇଛି। ପ୍ରତ୍ୟେକ ଦେଶ ଏହି ସଙ୍କଟକୁ ମୁକାବିଲା କରିବାକୁ ଚେଷ୍ଟା କରୁଛି। ଆମ ଭାରତ ମଧ୍ୟ ପୂର୍ଣ୍ଣ ଶକ୍ତି ସହ ଏହାକୁ ସମ୍ମୁଖୀନ ହେଉଛି।




ପ୍ରଧାନମନ୍ତ୍ରୀ ଶନିବାର ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ପ୍ରଥମ ପର୍ଯ୍ୟାୟର ଉଦ୍‌ଘାଟନ ପରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ଦେଶବାସୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଆପଣମାନଙ୍କର ଶକ୍ତିରେ ଭରସା କରି ଭାରତ ଏହି ଚ୍ୟାଲେଞ୍ଜକୁ ସମ୍ପୂର୍ଣ୍ଣ ଶକ୍ତି ସହ ସମ୍ମୁଖୀନ କରୁଛି। ସେ କହିଛନ୍ତି ଯେ ଆମ ସରକାର ପ୍ରତ୍ୟେକ ସେହି ପଦକ୍ଷେପ ନେଉଛି ଯାହା ଫଳରେ ସାଧାରଣ ପରିବାର, ଆମ ଚାଷୀମାନଙ୍କ ଉପରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ତାମିଲନାଡୁ ବିଧାନସଭା ନିର୍ବାଚନ : ୨୩୪ ଆସନ ମଧ୍ୟରୁ ଡିଏମ୍‌କେ ଏକାକୀ ୧୬୪ ଆସନରେ ଲଢିବ। ସହଯୋଗୀ ଦଳ ପାଇଁ ୭୦ ଆସନ।
- ପିପିଲିର ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ।
- ହର୍ମୁଜ୍ ପ୍ରଣାଳୀରେ ଇରାନର ମାୟାଜାଲ: ତୈଳ କରିଡର ପାଲଟିଛି ମୃତ୍ୟୁର କୂଅ।

# ଏପ୍ରିଲ ୮ରୁ ୧୦ ମଧ୍ୟରେ ବାହାର ରତ୍ନଭଣ୍ଡାର ଗଣତିମଣତି

ଭୁବନେଶ୍ୱର, ୨୮ ।୩

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଏପ୍ରିଲ ୮,୯ ଏବଂ ୧୦ ତାରିଖରେ ବାହାର ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ହେବ। ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଏହି ସମୟରେ ଯେପରି ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନୀତିକାନ୍ତି ବାଧାପ୍ରାପ୍ତ ନହେବ ତାହା ଉପରେ ବି ଆଲୋଚନା ସରିଛି। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ତାପରେ ଭିତର ରତ୍ନ ଭଣ୍ଡାର ଗଣତି ମଣତି ହେବ। ଆଶା କରାଯାଉଛି ସବୁ କାମ ଠିକଣା ସମୟରେ ସରିବ। ସେହିପରି ରଥଯାତ୍ରା ପାଇଁ ୬ ମାସ ଆଗରୁ ବୈଠକ ଚାଲିଛି। ଏହାରି ଭିତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସିଛି। ରଥଦାଣ୍ଡକୁ ଯେପରି ଅଧିକ ଗାଡ଼ି ପ୍ରବେଶ ନକରିବ ତା ଉପରେ ଗୁରୁତ୍ୱ ଦିଆଯାଉଛି। ରଥଦାଣ୍ଡକୁ ସଂଲଗ୍ନ ରାସ୍ତା ଗୁଡ଼ିକର ପ୍ରଶସ୍ତିକରଣ କରାଯିବା ସହ ଡିକଞ୍ଜେସ୍ଚନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୮୦୯ (+୨୫୧) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୫୭୫ (+) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୧୦୭ (+୧୮୮) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (+୫)

## ଏକାଳ ପଖାଳ




ଆଇପିଏଲ୍ ସିନା ଚାଲିଛି ଭାଇନା
ଧୂମ୍ ହେଉଚି ଖେଳ
ମନରେ କିନ୍ତୁ ବହୁ ଟେନ୍‌ସନ୍
ଦେହରୁ ବହଇ ଝାଳ
ମଧ୍ୟପ୍ରାଚ୍ୟ ଯୁଦ୍ଧ କାଳ
କଣ ହେବ କଣ ନହେବ
ଭାବିକି ଝଡୁଛି ବାଳ।

# ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବାକୁ ସୁପ୍ରିମକୋର୍ଟଙ୍କ ତୀବ୍ର ନିନ୍ଦା



ନୂଆଦିଲ୍ଲୀ, ୨୮ ।୩

ନାବାଳିକା ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବାକୁ ସୁପ୍ରିମକୋର୍ଟ କଠୋର ଶବ୍ଦରେ ନିନ୍ଦା କରିବା ସହିତ ସମସ୍ତ ହାଇକୋର୍ଟଙ୍କୁ ଦୁଷ୍କର୍ମ ପୀଡ଼ିତା ଓ ତାଙ୍କ ପରିବାରର ସଦସ୍ୟଙ୍କ ନାମ କୋର୍ଟ ନିର୍ଦ୍ଦେଶରେ ପ୍ରକାଶ ନ କରିବା ନେଇ ସୁନିଶ୍ଚିତ କରିବାକୁ କହିଛନ୍ତି। ୨୦୧୮ ନିପୁନ ସାକ୍ସେନା ମାମଲାରେ ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଥିଲେ ଯେ, କୌଣସି ବ୍ୟକ୍ତି ଛାପା, ବୈଦ୍ୟୁତିକ କିମ୍ବା ସାମାଜିକ ଗଣମାଧ୍ୟମରେ ପୀଡ଼ିତା କିମ୍ବା ପୀଡ଼ିତାଙ୍କୁ ପରିଚୟ ଜଣାପଡୁଥିବା ପରି କୌଣସି ସୂଚନା ଛାପିବା କିମ୍ବା ପ୍ରକାଶନ କରିପାରିବେ ନାହିଁ। ଜଷ୍ଟିସ ସଞ୍ଜୟ କାରୋଲ ଓ ଜଷ୍ଟିସ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ରାୟ ପାଳନ କରିବାରେ ତ୍ରୁଟି ପାଇଁ କୋର୍ଟଗୁଡ଼ିକର ଉଦାସୀନତା ଏବଂ ଏପରି ଅପରାଧ ପରେ ହେଉଥିବା ଗଭୀର ନିନ୍ଦା ବିଷୟରେ ସଚେତନତାର ଅଭାବକୁ ଦାୟୀ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ୧୯୮୩ ମସିହାରେ ଏକ (ପୃଷ୍ଠା ୭ରେ)

## ଜରୁରୀ ଅବତରଣ କଲା ଇଣ୍ଡିଗୋ ବିମାନ : ୧୬୧ ଯାତ୍ରୀ ସୁରକ୍ଷିତ

ନୂଆଦିଲ୍ଲୀ, ୨୮ ।୩

ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରୁ ଦିଲ୍ଲୀ ଆସୁଥିବା ଇଣ୍ଡିଗୋର ଏକ ବିମାନକୁ ଶନିବାର ସକାଳେ ଟେକ୍‌ନିକ୍ ଖରାପ କାରଣରୁ ଇନ୍ଦିରା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା। ଏଥିରେ ଥିବା ୧୬୧ ଯାତ୍ରୀ ଏବଂ ଚାଳକ ଦଳର ସମସ୍ତ ସଦସ୍ୟ ସୁରକ୍ଷିତ ଅଛନ୍ତି। ଦମକଳ କର୍ମୀଙ୍କୁ ସକାଳ ପ୍ରାୟ ୧୦.୫୩ରେ ଜରୁରୀକାଳୀନ (ପୃଷ୍ଠା ୭ରେ)

## ସରିଲା ଯୁକ୍ତ ୨ ପରୀକ୍ଷା , ଏପ୍ରିଲ ୨ରୁ ଖାତା ଦେଖା

ଭୁବନେଶ୍ୱର, ୨୮ ।୩ : ନ୍ୟୁଜ୍ ବ୍ୟୁରୋ

ସିଏଚଏସଇ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶନିବାର ଶେଷ ହୋଇଛି। ଯୁକ୍ତ ୨ର କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ବିଷୟରେ ୪ ଲକ୍ଷ ୧୬୨୩ ପରୀକ୍ଷାର୍ଥୀ ଫର୍ମ ଫିଲ୍ ଅପ୍ କରିଥିଲେ । ପରୀକ୍ଷାରେ ୫୦୩୧ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ୩ ଲକ୍ଷ ୯୬ ହଜାର ୫୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଅନ୍ୟପକ୍ଷରେ ଏପ୍ରିଲ ୨ ତାରିଖରୁ ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହେବ। ୨ଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ ସରିବ। ଏପ୍ରିଲ ୨ ରୁ ୧୩ ତାରିଖ ଯାଏ ପ୍ରଥମ ପର୍ଯ୍ୟାୟରେ ଖାତା ଦେଖାଯିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଏପ୍ରିଲରୁ ୨୬ ଏପ୍ରିଲ ମଧ୍ୟରେ ଖାତା ଦେଖା ସରିବ। ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ସିଏଚଏସଇ ପ୍ରସ୍ତୁତି କରୁଛି ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ।

ସୂଚନାଯୋଗ୍ୟ ଯେ ଫେବୃୟାରୀ ୧୮ ରୁ ଆରମ୍ଭ ହୋଇଥିବା ପରୀକ୍ଷା ଆଜି ଅର୍ଥାତ୍ ମାର୍ଚ୍ଚ ୨୮ ରେ ଶେଷ ହୋଇଛି।

# ଶୋଭାଯାତ୍ରାରେ ଫାଙ୍କା ଗୁଳି ଚଳାଇଲେ ବିଧାୟକ : ତଦନ୍ତ କରୁଛି ପୋଲିସ୍



ଟିଟିଲାଗଡ, ୨୮ ।୩ : ନ୍ୟୁଜ୍ ବ୍ୟୁରୋ

ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶୁକ୍ରବାର ପବିତ୍ର ଶ୍ରୀରାମ ନବମୀ ଉତ୍ସବ ଶୋଭାଯାତ୍ରାରେ ନିଜ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ)ଙ୍କ ସର୍ଭିସ ରିଭଲଭରରୁ ଫାଙ୍କା ଗୁଳି ଚାଳନା କରିଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଘଟଣା ସମ୍ବେଦନଶୀଳ ହୋଇଥିବାରୁ ଏହାର ତଦନ୍ତ କରାଯାଉଛି ବୋଲି ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ପବିତ୍ର ରାମ ନବମୀ ଅବସରରେ ଟିଟିଲାଗଡ଼ରେ ଏକ ବିରାଟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ୍‌ଙ୍କ ସହ ସହରର ଅନ୍ୟାନ୍ୟ ଜନପ୍ରତିନିଧି, ବରିଷ୍ଠ ନାଗରିକ ଓ ବିଭିନ୍ନ ହିନ୍ଦୁ ସଂଗଠନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୁରୁଣା ବ୍ୟାଙ୍କ ଛକ ନିକଟରେ ବିଧାୟକ ଶ୍ରୀ ଜୈନ୍ ନିଜ ପିଏସ୍‌ଓ ପ୍ରେମଚନ୍ଦ ନାଗଙ୍କ ସର୍ଭିସ ରିଭଲଭରରୁ ଉପରକୁ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଶ୍ରୀ ନାଗ (ପୃଷ୍ଠା ୭ରେ)




32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ମାର୍ଚ୍ଚ, ୨୦୨୬ ରବିବାର





# ଶିକ୍ଷାକୁ ଆନ୍ତର୍ଜାତିକ ବଜାରରେ ପଣ୍ୟରେ ରୂପାନ୍ତରିତ କରିବାକୁ ଷଡଯନ୍ତ୍ର ଚାଲିଛି

**କଟକ, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ମହାନ୍ ସଂଗ୍ରାମୀ ଶହୀଦ-ଏ-ଆଜମ୍ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୬ତମ ଶହୀଦ ଦିବସ ଉପଲକ୍ଷେ ଗତ କାଲି ଛାତ୍ର ସଂଗଠନ ଏ.ଆଇ.ଡି.ଏସ୍.ଓ, ମହିଳା ସଂଗଠନ ଏ.ଆଇ.ଏମ୍.ଏସ୍. ଏସ୍ ଓ ଯୁବ ସଂଗଠନ ଏ.ଆଇ.ଡି.ୱାଇ.ଓ ପକ୍ଷରୁ ସ୍ଥାନୀୟ କଲେଜଛକ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡକ୍ଟର ଅର୍ଜୁନ କୁମାର ବିଶ୍ୱାଳ, ଏ.ଆଇ.ଡି.ଏସ୍.ଓ ଓଡିଶା ରାଜ୍ୟ ପରିଷଦର ପୂର୍ବତନ ଉପସଭାପତି ତଥା ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ୍ କମିଟି, କଟକ ଜିଲ୍ଲା ସମ୍ପାଦକ ବବି ବଳବନ୍ତରାୟ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଏ.ଆଇ.ଡି.ଏସ୍.ଓ, କଟକ ଜିଲ୍ଲା ସମ୍ପାଦକ ଇଶା ଧର ସଭାପତିତ୍ୱ କରିଥିଲେ। କମିଟିର ସମ୍ପାଦକ ତରୁଣ ସେନ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମହିଳା ସଂଗଠନ ଏ.ଆଇ.ଏମ୍.ଏସ୍. ଏସ୍ ଜିଲ୍ଲା ସଭାପତି ମାଳବିକା ସାମଲ ଓ ଯୁବ ସଂଗଠନ ଏ.ଆଇ.ଡି.ୱାଇ.ଓ ଜିଲ୍ଲା ସମ୍ପାଦକ ଦୀପକ ରଂଜନ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ.ଆଇ.ଡି.ଏସ୍.ଓ ଜିଲ୍ଲା ଉପସଭାପତି ଶିବାନୀ ସାହୁ, କୋଷାଧକ୍ଷ ଶୁଭସ୍ମିତା ସାହୁ, ସମ୍ପାଦକ ମଣ୍ଡଳୀ, ଅମରେନ୍ଦ୍ର ନାୟକ, ଜ୍ୟୋତ୍ସ୍ନା ରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ, ରାଜେଶ ରାଉତ, ଜିଲ୍ଲା କମିଟି ସଭ୍ୟ ସତ୍ୟବ୍ରତ ମୁଦୁଲି, ରାଜେଶ ନାୟକ, ସରୋଜ ବେହେରା, କସକ ଜେନା, ଗାୟତ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା କାର୍ଯ୍ୟ ଶେଷ ଭାଗରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଲୋଚନା ମାଧ୍ୟମରେ ବକ୍ତାମାନେ କହିଥିଲେ ଯେ, ବ୍ରିଟିଶ ସାମ୍ରାଜ୍ୟବାଦର ଅବସାନ ପରେ ଏ ଦେଶର ଏକଚାଟିଆ ପୁଞ୍ଜିପତିଶ୍ରେଣୀ କ୍ଷମତାରେ ଅଧିଷ୍ଠିତ ହୋଇ ତାହାର ଶାସନ ଓ ଶୋଷଣକୁ ଦେଶର କୋଟି କୋଟି ସାଧାରଣ ଜନତାଙ୍କ ଉପରେ ଲଦି ଦେଇଛି । ଫଳତଃ ଆଜି ଜନସାଧାରଣଙ୍କ ଉପରେ ଅକ୍ଟୋପାସୀ ଆକ୍ରମଣ ନଇଁ ଆସିଛି । ଶିକ୍ଷାକୁ ଆନ୍ତର୍ଜାତିକ ବଜାରର ଏକ ପଣ୍ୟରେ ରୂପାନ୍ତରିତ କରିବା ପାଇଁ ହୀନ ଷଡଯନ୍ତ୍ର ଚାଲିଛି । ଗୋଟିଏ ଦିଗରେ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ, କେନ୍ଦ୍ରୀକରଣ ଓ ଧନ୍ଦାମୁଖୀକରଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିଭିନ୍ନ ଶିକ୍ଷାମାରଣ ନୀତି ସହ ପ୍ରଣିତ ଜାତୀୟ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ କରାଯାଉଛି, ଯାହାକି ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପାଇବାରୁ ବଞ୍ଚିତ କରିବା ସହ ଛାତ୍ରଛାତ୍ରୀମାନଙ୍କର ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ, ମାନବିକ ଗୁଣାବଳୀ ଓ ବିବେକକୁ ଧ୍ୱଂସ କରିଦେବ । ଅନ୍ୟ ଦିଗରେ 'ଆପେ ବଞ୍ଚିଲେ ବାପର ନାଁ, ଖାଅ ପିଅ ମଉଜକର' ସଂସ୍କୃତି ପ୍ରଚାର କରି ଛାତ୍ରଛାତ୍ରୀମାନଙ୍କୁ ସ୍ୱାର୍ଥପର, ବ୍ୟକ୍ତି ସର୍ବସ୍ୱ ଓ କ୍ୟାରିୟର ସର୍ବସ୍ୱ କରିବା ପାଇଁ ଯୋଜନା କରାଯାଉଛି । ଛାତ୍ର ଓ ଯୁବକମାନଙ୍କର ନୈତିକ ମେରୁଦଣ୍ଡକୁ ଭାଙ୍ଗିଦେବା ପାଇଁ ଗଣମାଧ୍ୟମ, ଇଣ୍ଟରନେଟ୍, ବିଜ୍ଞାପନ ଇତ୍ୟାଦି ମାଧ୍ୟମରେ ଅଶ୍ଳୀଳତା ଓ ନଗ୍ନତାର ପ୍ରଚାର ସହ ମଦମାଦକ ଦ୍ରବ୍ୟର ପ୍ରସାର କରାଯାଉଛି । ଫଳତଃ ଆଜି ଅପରାଧ, ବାଳଅପରାଧ, ଛାତ୍ରୀ ଓ ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ବଢି ବଢି ଚାଲିଛି । ବେକାରୀର ଜ୍ୱାଳାରେ ଯୁବସମାଜ ପାଗଳ ପ୍ରାୟ । ଦରଦାମ ବୃଦ୍ଧି ଯୋଗୁଁ ସାଧାରଣ ମଣିଷର ବଞ୍ଚିବା ଦୁର୍ବିସହ ହୋଇ ପଡିଛି। ଚାଷୀ ଆତ୍ମହତ୍ୟା କରୁଛି । କୃଷି କ୍ଷେତ୍ରକୁ ଦେଶୀବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କୁ ସଂପୂର୍ଣ୍ଣଭାବେ ଟେକିଦେବା ପାଇଁ ବିଭିନ୍ନ ନୀତି ପ୍ରଚଳନ କରାଯାଉଛି । ଶ୍ରମ କୋଡ ପ୍ରଚଳନ କରି ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନିଆଯାଉଛି। ଏହି ସମସ୍ତ ସମସ୍ୟା ବିରୁଦ୍ଧରେ ପ୍ରତିବାଦକୁ ଅଙ୍କୁରେ ବିନାଶ କରିବା ପାଇଁ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ଗୋଟାକ ପରେ ଗୋଟିଏ ଛଡେଇ ନେବା ସହ ଶିକ୍ଷାନୁଷ୍ଠାନ ଗୁଡିକର ସ୍ୱାୟତ୍ତତା ହରଣ କରି ଗଣତାନ୍ତ୍ରିକ ବାତାବରଣକୁ ନଷ୍ଟ କରିବା ପାଇଁ ଉଦ୍ୟମ କରାଯାଉଛି । ସମ୍ପ୍ରତି ଜାତି, ଧର୍ମ, ବର୍ଣ୍ଣ ଓ ଆଞ୍ଚଳିକତା ଭିତ୍ତିରେ ମଣିଷକୁ ଭାଗ ଭାଗ କରିବା ପାଇଁ ହୀନ ଚକ୍ରାନ୍ତ କରାଯାଉଛି । ଧର୍ମୀୟ ଅନ୍ଧତାକୁ ପ୍ରୋତ୍ସାହନ ଦେଇ ଧର୍ମୀୟ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରାଯାଉଛି । ଶିକ୍ଷା ଓ ସଂସ୍କୃତି ମଧ୍ୟରେ ବହୁ ପୁରାତନ ଓ ଅଚଳ ଚିନ୍ତା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଭରି ଦେବାକୁ ଉଦ୍ୟମ ହେଉଛି । ବହୁ କାଳ୍ପନିକ କାହାଣୀକୁ ବିଜ୍ଞାନ ବୋଲି ପ୍ରମାଣିତ କରିବା ପାଇଁ ଅପଚେଷ୍ଟା ଚାଲିଛି । ଇତିହାସର ବିକୃତିକରଣ କରାଯାଉଛି । ମହାମନୀଷୀମାନଙ୍କ ଚରିତ୍ରକୁ କାଳିମାଲିପ୍ତ କରାଯାଉଛି । ସେମାନଙ୍କ ଜୀବନ ସଂଗ୍ରାମକୁ ପାଠ୍ୟକ୍ରମରେ ସ୍ଥାନ ଦେବା ତ ଦୂରର କଥା ବରଂ ସେମାନଙ୍କୁ ସନ୍ତ୍ରାସବାଦୀର ଆଖ୍ୟା ଦିଆଯାଉଛି । ଏପରିକି ମାନବ ସଭ୍ୟତାର ଶ୍ରେଷ୍ଠ ସନ୍ତାନମାନଙ୍କୁ ଜନମାନସରୁ ପୋଛିଦେବା ପାଇଁ ଉଦ୍ୟମ ହେଉଛି । କହିବା ବାହୁଲ୍ୟ ସ୍ୱାଧୀନୋତ୍ତର ଭାରତବର୍ଷର କୌଣସି ସରକାର ଭଗତ ସିଂହଙ୍କ ଜୀବନ ସଂଗ୍ରାମକୁ ଜନସାଧାରଣଙ୍କ ନିକଟକୁ ନେଇ ଯିବା ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି । ଏହିଭଳି ପରିସ୍ଥିତିରେ ଶହୀଦ ଭଗତ ସିଂଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ନିଜ ଜୀବନକୁ ଗଢି ପାରିଲେ ହିଁ ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରାଯାଇପାରିବ । ଏଥିପାଇଁ ଚରମ ତ୍ୟାଗ କରିବାର ଆବଶ୍ୟକତା ଅଛି ବୋଲି ବକ୍ତାମାନେ କହିଥିଲେ ।

# ଉଦ୍ଭିଦ ନର୍ସରୀ ରୋପଣ ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ



**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ଯାଜପୁର ରୋଡ଼ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଅଧ୍ୟୟନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ କଲେଜ ସମ୍ମିଳନୀ କକ୍ଷରେ 'ଉଦ୍ଭିଦ ନର୍ସରୀ ରୋପଣ ବା ବୃଦ୍ଧି' ବିଷୟବସ୍ତୁ ଉପରେ ଏକ ଦିନିକିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଭାତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର କୁଞ୍ଜ ବିହାରୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବ ବିବିଧତା ସଂରକ୍ଷଣ ଏବଂ ସ୍ଥାୟୀ ପରିବେଶଗତ ଅଭ୍ୟାସରେ ଉଦ୍ଭିଦ ନର୍ସରୀ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ.ଜେ ଶିକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ଼ ଆଶୀର୍ବାଦ ମହାପାତ୍ର ଏବଂ ଭିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ସଚ୍ଚିଦାନନ୍ଦ ତ୍ରିପାଠୀ ଯୋଗଦେଇଥିଲେ। ମଖି ନର୍ସରୀର ସନାତନ ବେହେରା ନର୍ସରୀ ଚାରା ରୋପଣ ଏବଂ ବୃଦ୍ଧି ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ପ୍ରତିଭା ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅଧ୍ୟାପିକା ଅତଶୀ କୁସୁମ ନାୟକ, ଚିନ୍ମୟୀ ପଲେଇ ଏବଂ ଅଧ୍ୟାପକ ପ୍ରସନ୍ନ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ସୁରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୋଷ ରଞ୍ଜନ ରାୟ, ଅଭିମନ୍ୟୁ ସାହୁ, ଅଧ୍ୟାପକ ସନାତନ ଦାସ, ଜୀବନବନ୍ଧୁ ଦାସ ଏବଂ କ୍ୟାପଟେନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ, କଲେଜର ଅଧ୍ୟାପକ-ଅଧ୍ୟାପିକା ଏବଂ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରେମୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

# ବୌଦ୍ଧ ଜିଲ୍ଲାରେ ଧୁମ୍ ଧାମରେ ପାଳନ ହେଲା ଇଦ୍ ଉଲ୍ ଫିତର

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ସମଗ୍ର ଦେଶର ମୁସଲମାନ ସମ୍ପ୍ରଦାୟ ପାଳନ କରୁଛନ୍ତି ପବିତ୍ର ପର୍ବ ଇଦ୍ ଉଲ୍ ଫିତର । ଏହିପରିପେକ୍ଷିରେ ବୌଦ୍ଧ ଜିଲ୍ଲା ରେ ମଧ ମୁସଲମାନ ସମ୍ପ୍ରଦାୟ ର ଅଧିବାସୀ ପାଳନ କରିଛନ୍ତି ଇଦ୍ ପର୍ବ। ଜାମିଆମସଜିଦ କମିଟି ପକ୍ଷରୁ ସ୍ଥାନୀୟ ଜାମିଆ ମସଜିଦ ଠାରେ ପାଳନ ହୋଇଛି ଇଦ୍ ପର୍ବ। ମସଜିଦ ର ପେଶୀମାମ ହାଫିଜ୍ଜାହାବୁଦ୍ଦିନ ମସଜିଦ ରେ ଶତାଧିକ ମୁସଲମାନ ଭାଇ ଙ୍କୁ ନମାଜ ପାଠ କରାଇଛନ୍ତି । ଇସ୍ଲାମିକ କ୍ୟାଲେଣ୍ଡର ହିଜରୀଅନୁସାରେ ରମଜାନ ମାସ ୨୯ କିମ୍ବା ୩୦ ଦିନର ହୋଇଥାଏ ଏବଂ ଚଳିତ ବର୍ଷ ୩୦ ଦିନରେ ଇଦ୍ ଚାନ୍ଦ ଦେଖାଯିବାରୁରମଜାନ ୩୦ ଦିନ ପାଳନ ହୋଇଛି । ଅର୍ଥାତ ୩୦ ଦିନରେ ଚାନ୍ଦ ଦେଖାଯାଇଥିବାରୁ ଆଜି ସାରା ଦେଶରେ ପାଳନହୋଇଛି ଇଦ୍। ଇଦ୍ ପାଳନ ପାଇଁ ବୌଦ୍ଧ ଜିଲ୍ଲାର ଇସଲାମ ଧର୍ମାବଲମ୍ବି ମାନେ ବେଶ ଉତ୍ସାହିତ ଥିବା ବେଳେବିଭିନ୍ନ ମସଜିଦ ମାନଙ୍କରେ ସାମୁହିକ ନମାଜ ପାଠ ପଢ଼ିଛନ୍ତି । ତେବେ ଗତ ଫେବୃଆରୀ ୧୯ ତାରିଖରୁ ଆରମ୍ଭହୋଇଥିଲା ପବିତ୍ର ରମଜାନ ମାସ । ରମଜାନ ମାସରେ 'ରୋଜା' ରଖୁଥିବା ଭାଇ,ଭଉଣୀମାନେ ସୂର୍ଯ୍ୟୋଦୟ ପୂର୍ବରୁଏବଂ ସୂର୍ଯ୍ୟାସ୍ତ ପରେ ଖାଇଥାନ୍ତି ଏବଂ ଦିନସାରା ଉପବାସ କରିଥିଲେ। ୩୦ ଦିନ ଉପବାସ କରିବା ପରେ ଫଳସ୍ୱରୁପଇଦ୍ ପାଳନ ହୋଇଛି । ଏହି ସମୟରେ ବିଭିନ୍ନ ମସଜିଦ ଗୁଡିକରେ ମୁସଲମାନ ସମ୍ପ୍ରଦାୟ ଏକାଠି ହୋଇ ନମାଜପାଠ କରିଛନ୍ତି । ତେବେ ଆଜି ଇଦ୍ ପର୍ବ ଉପଲକ୍ଷେ ବୌଦ୍ଧ ମୁସଲିମ



ବସ୍ତି ଉତ୍ସବ ମୁଖର ଥିବା ବେଳେ ଘରେ ଘରେଭଲ ଭଲ ବ୍ୟଞ୍ଜନ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ଘରର ଆବାଳ ବୃଦ୍ଧ ବନିତା ସମସ୍ତେ ନୂତନ ପୋଷାକ ପିନ୍ଧି ପରସ୍ପରକୁ ଆଲିଙ୍ଗନ କରି ମିଳି ମିଶି ଏହି ପର୍ବ ପାଳନ କରିଛନ୍ତି । ତେବେ ଆଜିର ଇଦ୍ ନମାଜ ରେ ସଭାପତି ଅବଦୁଲକଲିମ ଖାନ୍, ଉପ ସଭାପତି ମହମ୍ମଦ ସଫିୟୁଲ୍ , ସମ୍ପାଦକ ଜାହିର ଖାନ୍, ଅବଦୁଲ ମହସିନ ଖାନ୍, ସର୍ଫୁଦିନ ଖାନ୍,ସାବିର ଖାନ୍, ସାହିଦ୍ ଖାନ୍, ଲିଆକତ ଅଲ୍ଲୀ, ନିଉଦ୍ଦିନ ଖାନ୍, ନିସାର ଖାନ୍, ଅବଦୁଲ ସଲାମ, ଅବଦୁଲ ରହିମ, ନୀୟାଜହୁସେନ, ଫାୟାଜ୍ ହୁସେନ, ଶେଖ୍ ସମିଉଲ୍ଲା, ଶେଖ୍ ଶାହାଜାହାନ, ଶେଖ୍ ଆୟାନ୍, ଆଝା ରୁଦ୍ଦିନ ଖାନ୍, ମୁଶୱିର ଖାନ୍, ମୁଜକ୍କିର ଖାନ୍, ମୋଇଜ ଖାନ୍ ଙ୍କ ସମେତ ଶତାଧିକ ମୁସଲମାନ ଭାଇ ସାମିଲ ହୋଇଛନ୍ତି ।

# ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୋନପୁର ଶାଖା ପକ୍ଷରୁ ଅନୁଷ୍ଠିତ ଆଲୋଚନା ଚକ୍ର 'ସ୍ୱ ପରିବର୍ତ୍ତନରୁ ବିଶ୍ୱ ପରିବର୍ତ୍ତନ' କାର୍ଯ୍ୟ କ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଯୋଗ ଦେଇ ମଣିଷର ବେଶ ପୋଷାକ ଚେହେରା ଆମ ପରିଚୟ ନୁହେଁ, ଆମ ଭିତରେ ଯିଏ ବସିଛି ଆମକୁ ନିୟନ୍ତ୍ରଣ କରୁଛି ସିଏ ହେଉଛି ଆତ୍ମା, ଆଉ ସେଟା ହେଉଛି ଆମ ପ୍ରକୃତ ପରିଚୟ ବୋଲି କହିଥିଲେ । କିନ୍ତୁ ଜୀବନର ସବୁଠୁ କଷ୍ଟ ହେଉଛି ଆତ୍ମାକୁ ଚିହ୍ନିବା ଜାଣିବା, ତେଣୁ ତାକୁ ଚିହ୍ନିବାକୁ ଆଉ ଚେଷ୍ଟା କରନ୍ତୁ ନାହିଁ କାରଣ ଏଇ ଅନୁଷ୍ଠାନ କୌଣସି ଧାର୍ମିକ ଅନୁଷ୍ଠାନ ନୁହେଁ, ଏ ଅନୁଷ୍ଠାନର ଧର୍ମ ହେଉଛି ମାନବ ଧର୍ମ, ମଣିଷକୁ ମଣିଷ ବୋଲି ଚିହ୍ନିବା ଏହାର କାମ ବୋଲି କହିଥିଲେ । ଏହା ହେଉଛି ଆତ୍ମିକ ଅନୁଷ୍ଠାନ ଯିଏକି ଆତ୍ମା ସହିତ ପରମାତ୍ମା




ସହିତ ସମ୍ପର୍କ ରଖେ ବୋଲି କହିଥିଲେ । ମଣିଷ ମରିବାଟା ସୁନିଶ୍ଚିତ ତ ଗର୍ବ ଅହଙ୍କାର ଦେଖାଇବା ଅନୁଚିତ, ମଣିଷକୁ ସ୍ନେହ ଆଦର କଲେ ଭଲ ପାଇଲେ ନିଜ ଘରକୁ ବି ମନ୍ଦିର କରି ପାରିବା ବୋଲି କହିଥିଲେ । କାହାକୁ ଆମେ ନିନ୍ଦା କରିବା ନାହିଁ, ଘୃଣା କରିବା ନାହିଁ, ଗାଳି କରିବା ନାହିଁ ବେଶ ଏତିକି ହେଲେ ପରିବର୍ତ୍ତନ ନିଶ୍ଚିତ ବୋଲି କହିଥିଲେଞ୍ଚ । ସେ ରାଜନୀତି ହେଉ କି ପ୍ରଶାସନିକ ହେଉ ପ୍ରକୃତରେ ଯିଏ ଯେଉଁ ଜାଗାରେ ରହିବା ବସିବା ଉଚିତ୍ ତାହା ଯଦି ନିୟନ୍ତ୍ରଣ ହୋଇ ପାରିବ ତ ସମାଜ ପରିବର୍ତ୍ତନ ନିଶ୍ଚିତ ବୋଲି କହିଥିଲେ । ଅନ୍ୟକୁ ଭଲ ପାଇବା ନିଜର ଭାବିବା ସ୍ନେହ ଶ୍ରଦ୍ଧା କରିବା ହେଉଛି ସ୍ୱର୍ଗ ଓ ଅନ୍ୟକୁ ପୀଡ଼ା ଦେବା ଘୃଣା କରିବା ଦୁଃଖ ଦେବା ତାହା ହେଉଛି ନର୍କ ବୋଲି କହି ଶାନ୍ତି ଖୁସି ସ୍ୱର୍ଗ ଖୋଜିବାକୁ ପଡ଼େନି କି ଭଗବାନ ଦେବେନି, ଏ ସବୁ ମାଧ୍ୟମରେ ଆମେ ଶାନ୍ତି ଖୁସି ପାଇ ପରିବା ଗୋଟେ ଶାନ୍ତି ଜୀବନ ଜୀଇଁ ପାରିବା, ନିଜ ଠୁଁ ବିଶ୍ୱ ପରିବର୍ତ୍ତନ କରି ପାରିବା ବୋଲି ଜିଲ୍ଲାପାଳ ଡ଼ ସାହୁ କହିଥିଲେ । ମୁଖ୍ୟ ବକ୍ତା ଭାବେ ରାଜ ଯୋଗିନୀ ବ୍ରହ୍ମା କୁମାରୀ ପାର୍ବତୀ ଭଉଣୀ ଯୋଗ ଦେଇ 'ଦୃଷ୍ଟି ପରିବର୍ତ୍ତନ ହେଲେ ସୃଷ୍ଟି ପରିବର୍ତ୍ତନ' ବୋଲି କହି ନିଜେ ନିଜକୁ ଚିହ୍ନିବା ସମୀକ୍ଷା କରିବା ହିଁ ପରିବର୍ତ୍ତନ ବୋଲି କହିଥିଲେ । ପଶ୍ଚିମ ଓଡ଼ିଶା ସମ୍ବଲପୁର ମୁଖ୍ୟାଳୟ ଡାଇରେକ୍ଟର ବି କେ ବିନି ଦିଦି, ସୋନପୁର ସେଣ୍ଟର ଇନ୍ ଚାର୍ଜ ବି କେ ଜୟଶ୍ରୀ, ସୁନ୍ଦରଗଡ଼ ମା ମାହେଶ୍ୱରୀ ନର୍ସିଂ କଲେଜ ଡାଇରେକ୍ଟର ଅମିର ଭାଇ, ସମ୍ବଲପୁର ବି କେ ଆରତୀ ଦିଦି, ସଭାରେ ମଞ୍ଚାସିନ ଥିଲେ। ଅନୁଷ୍ଠାନର ବି କେ ଜ୍ୟୋତି, ବି କେ ମଞ୍ଜୁ, ବି କେ ଶିବାନୀ, ଧ୍ରୁବ, ବି କେ ଶ୍ୟାମ ସୁନ୍ଦର, ବି କେ ଭୀମ, ବି କେ ଶିବୁ ଭାଇଙ୍କ ସମେତ ସୋନପୁର ସେବା କେନ୍ଦ୍ରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ସରକାରୀ ନର୍ସିଂ ସ୍କୁଲ୍ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ମା ସମଲେଇ ଭଜନ ଖୁବ୍ ଚିତା କର୍ଷକ ହୋଇଥିଲା । ଏହି କାର୍ଯ୍ୟ କ୍ରମରେ ଅନୁଷ୍ଠାନର ସଦସ୍ୟ, ସହରର ବୁଦ୍ଧିଜୀବି, ହଜାର ସଂଖ୍ୟାରେ ଉପସ୍ଥିତ ଥିଲେ । ଶେଷରେ ଜଗନ୍ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୧୩୧ ଦରଖାସ୍ତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ବାଉଁଶୂଣି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୩୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୧୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ୨୧




ଏକୋଇଶି ଗୋଟି ଅଭିଯୋଗ ପତ୍ର ଅଭିଯୋଗ ଶୁଣାଣି ସମୟରେ ଫଇସଲା କରାଯାଇଥିଲା । ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁରଙ୍କ ପ୍ରତିନିଧି, ଡେପୁଟି କଲେକ୍ଟର, ସିଦ୍ଧାର୍ଥ ଶେଖର ଦାଶ, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ତହସିଲଦାର, ଦୟାରାମ ମେହେର, ସରପଞ୍ଚ, ବାଉଁଶୂଣି, ଗ୍ରାମ ପଞ୍ଚାୟତ ରୀନା ମହଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରୋଜ କୁମାର ଧାରୁଆ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ।

# ବରପାଲି ଫାର୍ମାସ୍ୟୁଟିକାଲ ମହାବିଦ୍ୟାଳୟ ରେ ପ୍ରଥମଥର ପାଇଁ ବରିଷ୍ଠ ହତାଦର ସଚେତନତା ସଭା

**ବରଗଡ,ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଫାର୍ମାସ୍ୟୁଟିକାଲ ମହାବିଦ୍ୟାଳୟରେ ପୂର୍ବତନ ବିଧାୟକ ତଥା ପ୍ରତିଷ୍ଠାତା ଅଧକ୍ଷ ସ୍ୱର୍ଗତ ରାଜୀବ ଲୋଚନ ହୋତାଙ୍କ ୯୨ ତମ ଜନ୍ମତିଥି ଅବସରରେ ପ୍ରଥମଥର ପାଇଁ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ବରଗଡ଼ ପକ୍ଷରୁ 'ବରିଷ୍ଠ ହତାଦର ସଚେତନତା ସଭା' ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ନରେନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘ ଉପସଭାପତି ଗୌନ୍ତିଆ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କଲେ ଓ ସଂପାଦକ ଗୋବିନ୍ଦ ଦାଶ ବରିଷ୍ଠ ହତାଦର ବିଭିନ୍ନ ଉପାଦେୟ ଦିଗକୁ ପରିସଂଖ୍ୟାନ ଓ ଉଦାହରଣ ସହ ଉପସ୍ଥିତ ଛାତ୍ର ସମୂହଙ୍କୁ ପିପିଟି ଓ ଭିଡ଼ିଓ ମାଧ୍ୟମରେ ଉପସ୍ଥାପିତ କରିଥିଲେ ଓ ଅନ୍ୟ ମଞ୍ଚାସିନ ଅତିଥି ଗୁରୁ ଭଗବାନ ସାହୁ ସ୍ମୃତି କମିଟି ସଂପାଦକ ତୁଳସୀ




ଚରଣ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ଅଚ୍ୟୁତାନନ୍ଦ ବାରିକ, ଡଃ ଡୋଳାମଣୀ ଶତପଥୀ, ପ୍ରତାପ ଷଡ଼ଙ୍ଗୀ ମଧ ବରିଷ୍ଠ ମାନଙ୍କୁ କିପରି ସମ୍ମାନ ସହକାରେ ରଖି ତାଙ୍କୁ ସ୍ନେହ ଶ୍ରଦ୍ଧାରେ ଲାଳନ ପାଳନ କରିବା ସେ ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ । ଏଥିରେ ଅନୁପ୍ରାଣିତ ହୋଇ ମହାବିଦ୍ୟାଳୟର ପ୍ରିୟାଂଶୁ ପାଣିଗ୍ରାହୀ, ବର୍ଷା ରାଣୀ ସା, ସଲୋନୀ ବେହେରା, ଅପୂର୍ବ ଅର୍ପଣ ଝରିଆ ଆଦି ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମୟକୁ ଉଚ୍ଚ କୋଟୀର କହବା ସହିତ ଜୀବନରେ ବାପା ମାଆଙ୍କୁ ତଥା ବରିଷ୍ଠ ମାନଙ୍କୁ ସମ୍ମାନ ଦେବା ପାଇଁ ଅନ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଉତ୍ତମ ସେବା କାର୍ଯ୍ୟ ପାଇଁ ଡାକ୍ତର ଅଭୂତ ପ୍ରଧାନଙ୍କୁ 'ଶ୍ରୀ ରାଜୀବ ଲୋଚନ ହୋତା ସମ୍ମାନ ୨୦୨୫' ପାଇଁ ମାନପତ୍ର, ପୁଷ୍ପ ଗୁଛ ଓ ଉପଢୌକନ ସହ ସମ୍ମାନୀତ କରାଯାଇଥିଲା । ଏଥିରେ ଡାଇରେକ୍ଟର ପ୍ରଫେସର ରଞ୍ଜନ କୁମାର ସାହୁ, ପ୍ରଫେସର ଆଶୁତୋଷ ପ୍ରଧାନ, ଡ. ଆଶୁତୋଷ ମେହେର, ଡ଼ଃ ସନ୍ତୋଷ କୁମାର ଦାଶ, ଅବିନାଶ ସାହୁ, ଡ଼ଃ ଅର୍ନବାଦିତ୍ୟ ମହାନ୍ତି, ସଚ୍ଚିଦାନନ୍ଦ ମହାପାତ୍ର, ତ୍ରିବିକ୍ରମ ବରେଇ, ଏଲିଜା ନାଏକ, ହେନେରୀତା ଦାଶ,ସୁଲଗ୍ନା ପାତ୍ର, ରଞ୍ଜିତ ଥଇତ, ଅଂଶୁମାନ ପାଣିଗ୍ରାହୀ, ଶରତ ପାଣିଗ୍ରାହୀ, ସ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲ, ଯୋଗ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଏହା ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ତଥା ପ୍ରତିଷ୍ଠାତା ପୂର୍ବତନ ବିଧାୟକ ରାଜୀବ ଲୋଚନ ହୋତାଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଗତ ସିଂହଙ୍କ ବଳିଦାନ ଦିବସକୁ ସାମ୍ରାଜ୍ୟବାଦ ବିରୋଧି ଦିବସ ରୂପେ ପାଳନ ପାଇଁ ଆହ୍ୱାନ

**କେନ୍ଦ୍ରାପଡ଼ା,ନ୍ୟୁଜ ବ୍ୟୁରୋ**



ଦେଶର ସ୍ୱାଧୀନତା ପାଇଁ ସାମ୍ରାଜ୍ୟବାଦ ବିରୋଧି ଲଢେଇରେ ସର୍ବୋତ୍ତମ ବଳିଦାନ ଦେଇ ଫାଶୀ ମଞ୍ଚକୁ ଆଦରି ନେଇଥିବା ଦେଶର ସର୍ବଶ୍ରେଷ୍ଠ ବିପ୍ଳବୀ ସହୀଦ-ଇ-ଆଜମ ଭଗତ ସିଂହଙ୍କ ୯୬ତମ ବଳିଦାନ ଦିବସକୁ 'ସାମ୍ରାଜ୍ୟବାଦ ବିରୋଧି ଦିବସ' ରୂପେ ପାଳନ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆହ୍ୱାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୋପ ସ୍ଥିତ ନିର୍ମାଲ୍ୟ ପ୍ୟାଲେସ ପରିସରରେ ବୁଦ୍ଧିଜୀବୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଚରଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ପ୍ରଗତିଶୀଳ ସାହିତ୍ୟିକ ଡଃ ବାସୁଦେବ ଦାସ, ଶିକ୍ଷକ ମହାସଂଘର ରାଜ୍ୟ ନେତା ଅଧ୍ୟାପକ ଅଜୟ ସାମଲ, ଡଃ ଦିଲ୍ଲୀପ ମିଶ୍ର, ବିଶିଷ୍ଟ ପ୍ରଗତିଶୀଳ କବି ନିରାକାର ଦାସ, ଗାଳ୍ପିକା ଅବନ୍ତୀ ବେହେରା, କର୍ମଚାରୀ ନେତା ବୈଷ୍ଣବ ସ୍ୱାଇଁ, ରଣଧୀର ଜେନା, ଶୈଳବାଳା ସାମଲ, ଧୀରେନ ବେହେରା, ଅମୀୟ ନାୟକ, ନିରୋଦ ରଞ୍ଜନ ଜେନା ପ୍ରମୁଖ ସହୀଦ ଭଗତ ସିଂହ, ରାଜଗୁରୁ ଓ ସୁଖରାମଙ୍କ ବଳିଦାନକୁ ସ୍ମରଣ କରିଥିଲେ। ଏଥିସହିତ ଉକ୍ତ ଯୁଦ୍ଧକୁ ଏକ ସାମ୍ରାଜ୍ୟବାଦୀ ଯୁଦ୍ଧ ରୂପେ ଅଭିହିତ କରି ଯୁକ୍ତରାଷ୍ଟ୍ର ଆମେରିକାର ନବ-ସାମ୍ରାଜ୍ୟବାଦୀ ଟ୍ରମ୍ପ ପ୍ରଶାସନର ଅହଂକାରୀ ନେତାନ୍ୟାହୁଙ୍କ ସମର୍ଥନରେ ମଧ୍ୟପ୍ରାଚ୍ୟରେ ଲଦି ଦେଇଥିବା ମହାପ୍ରଳୟଙ୍କାରୀ ଯୁଦ୍ଧକୁ ଶୀଘ୍ର ସମାପ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଦିକନ୍ଦ ରାଉଳ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ଓ ଅମରେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୀତାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଓ ରାଜ୍ୟ ମହିଳା ଆୟୋଗର ଜନଶୁଣାଣି

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**



ମହିଳାଙ୍କ ବିରୁଦ୍ଧରେ ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ ନିର୍ଯ୍ୟାତନା, ସମ୍ପତ୍ତି ବିବାଦ, କାର୍ଯ୍ୟାସ୍ଥଳରେ ନିର୍ଯ୍ୟାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ କେନ୍ଦୁଝର ଏବଂ ଦେବଗଡ ଜିଲ୍ଲା ସକାଶେ ଦରବାର ହଲ, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି । ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧକ୍ଷାତାରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୩୪ ଗୋଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ, ସେଥି ମଧ୍ୟରୁ ମୋଟ ୧୩ ଗୋଟି ମାମଲାରେ ଜନ ଶୁଣାଣି କାର୍ଯ୍ୟକ୍ରମରେ ପକ୍ଷମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି ହୋଇ, ୭ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ, ୩ ଗୋଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା, ୧ ଗୋଟି ମାମଲାରେ ଅନ୍ୟ କର୍ତ୍ତୃପକ୍ଷକୁ ପ୍ରେରଣ କରାଯାଇଥିଲା, ଅନ୍ୟ ୨ଗୋଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା । ଆଜିର ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଓ ଦେବଗଡ ଜିଲ୍ଲର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ମାମଲାଗୁଡିକରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଦାଖଲ କରିଥିଲେ ।

# ଡମପଡାରେ ଜନତାଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲାର ଡମପଡା ବ୍ଲକ୍ ଜାତମୁଣ୍ଡିଆ ସ୍ଥିତ ପଂଚାୟତ ଭବନଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ବହୁ ସଂଖ୍ୟାରେ ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।ଏହି ଅଭିଯୋଗ ଶୁଣାଣି କାଳରେ ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ନିଜର ଅସୁବିଧା ଓ ଦାବିଗୁଡିକ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଆଜି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୧୬୬ ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୧୫୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୯ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଅନ୍ୟାନ୍ୟ ଅଭିଯୋଗଗୁଡିକ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମେନ୍ତ ଗୋଟିଏ ଆବେଦନ ଗ୍ରହଣ କରାଯାଇଥିବାବେଳେ ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ଗୋଟିଏ ଆବେଦନ ଗ୍ରହଣ କରାଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗ୍ରାମାଂଚଳ ଏସପି ଶ୍ରୀ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଲଜିତ୍ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଣବ କୁମାର ବେହେରା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ସମ୍ପର୍କରେ ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୋଗ ଶୁଣାଣି ସମୟରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୩୦ ତାରିଖରେ କଟକ ସଦର ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଓଏମସିର ବଡ଼ ପଦକ୍ଷେପ

ଓଡ଼ିଶାର ଖଣି କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ନୂତନ ଜ୍ଞାନକୌଶଳର ବିନିଯୋଗ ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଓଡ଼ିଶା ଖଣି ନିଗମ ଏବଂ ଆଇଆଇଟି (IIT-ISM) ଧନବାଦର 'ଟେକ୍ସମିନ୍' ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ସହଭାଗିତା ମୁଖ୍ୟତଃ ନିରାପଦ, ସ୍ଥାୟୀ ଏବଂ ଡିଜିଟାଲ୍ ଖଣି କାର୍ଯ୍ୟ ଉପରେ ଗୁରୁତ୍ୱ ଦେବ । ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଏମସି କର୍ମଚାରୀମାନଙ୍କ ପାଇଁ ଅତ୍ୟାଧୁନିକ ପ୍ରଶିକ୍ଷଣ ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି । ଖଣି କ୍ଷେତ୍ରରେ ନୂତନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ଗବେଷଣା ପାଇଁ ମିଳିତ ସହଯୋଗ । ଖଣି କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର । ପରିବେଶ ସୁରକ୍ଷା ସହିତ ସୁରକ୍ଷିତ ଖଣି କାର୍ଯ୍ୟ ପ୍ରଣାଳୀକୁ ପ୍ରୋତ୍ସାହନ । ଓଏମସି ପକ୍ଷରୁ ନିର୍ଦ୍ଦେଶକ ଶ୍ରୀ ଆଲୋକ କୁମାର ପାଲ ଏବଂ ଆଇଆଇଟି ଧନବାଦର ଡେପୁଟି ଡିରେକ୍ଟର ତଥା ଟେକ୍ସମିନ୍ ଫାଉଣ୍ଡେସନର ପ୍ରୋଜେକ୍ଟ ଡିରେକ୍ଟର ପ୍ରଫେସର ଧୀରଜ କୁମାର ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଏମସି କର୍ତ୍ତୃପକ୍ଷ କହିଛନ୍ତି, 'ଏହି ସହଭାଗିତା ଓଏମସିର କାର୍ଯ୍ୟଦକ୍ଷତାକୁ ଆହୁରି ମଜବୁତ କରିବା ସହ ଭବିଷ୍ୟତର ଆହ୍ୱାନକୁ ସାମ୍ନା କରିବା ପାଇଁ ଏକ ଦକ୍ଷ କର୍ମଚାରୀ ଗୋଷ୍ଠୀ ପ୍ରସ୍ତୁତ କରିବାରେ ସହାୟକ ହେବ ।' ଓଡ଼ିଶା ସରକାରଙ୍କ ଏକ 'ଗୋଲ୍ଡ କ୍ୟାଟେଗୋରୀ' ସଂସ୍ଥା ଭାବେ ଓଏମସି ରାଜ୍ୟର ଶିଳ୍ପ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନ ଓଡ଼ିଶାରେ ଏହାର ୧୯ଟି ସକ୍ରିୟ ଖଣି ରହିଛି, ଯେଉଁଠାରେ ଲୁହାପଥର, କ୍ରୋମାଇଟ୍ ଏବଂ ବକ୍ସାଇଟ୍ ପରି ଖଣିଜ ଦ୍ରବ୍ୟର ଉତ୍ତୋଳନ କରାଯାଉଛି ।

# ତ୍ୟାଗ, ମର୍ଯ୍ୟାଦା, ନୀତି ଆଦର୍ଶର ପ୍ରଭୁ ଶ୍ରୀରାମ



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋବାଇଲ-
୭୦୨୦୬୧୧୩୦୦

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା । ଏଥିରେ ହିଂସାର କୌଣସି ସ୍ଥାନ ନାହିଁ । ବସୁଧୈବ କୁଟମ୍ବକମ ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ । ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ । ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତାରେ ଏହାର ଯଥେଷ୍ଟ ପ୍ରଣାମ ରହିଛି । ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ । ସେଥିପାଇ କୁହାଯାଇଛି ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ । ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହା ଥିବ ଚିରକାଳ । ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ ଧର୍ମ ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି । ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ । ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ । ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି । କେହି କୁତ୍ରାପି କୌଣସି ଧର୍ମ ପ୍ରତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି । ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି । ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ । ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା । ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ-ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି ଦିନ -ଇ -ଇଲାହି ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ । ପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ । ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ । କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ । ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ । ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ । ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ । ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ । ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ । ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, ବସୁଧୈବ କୁଟୁମ୍ବକମ୍ ଅର୍ଥାତ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ । ଏହି ମହାନ ବାଣୀକୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ । ରାମାୟଣ ପୁରାଣରେ ଆମ ଜୀବନ ସହିତ ଆଧାରିତ ବିଷୟବସ୍ତୁ ଦେଖିବାକୁ ମିଳେ । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ । ଭଗବାନ ଶ୍ରୀରାମ ସତ୍ୟ,ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା । ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ । ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ । ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ । ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

# ବସନ୍ତର ମଧୁର ସ୍ପର୍ଶ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଚନ୍ଦ୍ର କ୍ୟାଲେଣ୍ଡର୍‌ଗୁଡ଼ିକରେ ବର୍ଷରେ ୧୨ ମାସ, ପ୍ରତି ମାସ ୩୦ ଦିନ, ଏପରି ହିସାବ କଲେ ବର୍ଷର ଦିନ ସଂଖ୍ୟାରେ ୫ ଦିନର ବ୍ୟବଧାନ । ବର୍ତ୍ତମାନକାଳୀନ ପ୍ରଚଳିତ ସୌର କ୍ୟାଲେଣ୍ଡର୍‌ରେ ବର୍ଷରେ ୧୨ ମାସ, ମାସଗୁଡ଼ିକର ଦିନ ସଂଖ୍ୟା ୨୮ରୁ ୩୧ ମଧ୍ୟରେ । ପ୍ରାଚୀନ କ୍ୟାଲେଣ୍ଡର୍ ମଧ୍ୟରୁ ଅନ୍ୟତମ 'ବିକ୍ରମ ସମ୍ବତ୍' ଉଭୟ ଚନ୍ଦ୍ର ଓ ସୌର କ୍ୟାଲେଣ୍ଡର୍ ମାନ୍ୟତାପ୍ରାପ୍ତ । ବାହାଇ ବିଶ୍ୱ ସମୁଦାୟ ଦ୍ୱାରା ବ୍ୟବହୃତ ଓ 'ବାହି କ୍ୟାଲେଣ୍ଡର୍' ନାମରେ ନାମିତ ଏକ ନୂଆ ସୌର କ୍ୟାଲେଣ୍ଡର୍‌ରେ ବର୍ଷରେ ୧୯ ମାସ, ପ୍ରତି ମାସ ୧୯ ଦିନ, ଏପରି ହିସାବ କଲେ ବର୍ଷରେ ୩୬୧ ଦିନ, ଏତଦ୍ୱାରା ବର୍ଷରେ ୪ଦିନ, ଅଧିବର୍ଷରେ ୫ ଦିନର ବ୍ୟବଧାନ । 'ବାହି କ୍ୟାଲେଣ୍ଡର୍' ଅନୁଯାୟୀ ନୂଆ ବର୍ଷର ଆରମ୍ଭ 'ବସନ୍ତ ବିଷୁବ' ଦିନରୁ, ଯାହା ସୂଚାଇଦିଏ ସୂର୍ଯ୍ୟ-ଆଲୋକ ଓ ତାପର ଏକ ପ୍ରାକୃତିକ ବସନ୍ତ ଋତୁର ଆରମ୍ଭ । ଯେହେତୁ ଚତୁଃପାର୍ଶ୍ୱସ୍ଥ ପ୍ରକୃତି ଶୀତଳ ଓ ନିର୍ଜନ ଶୀତ ପରେ ଏକ ନୂଆ ସୌରଋତୁର ଆରମ୍ଭ ଭାବରେ 'ବସନ୍ତ ବିଷୁବ'କୁ ସ୍ୱାଗତ କରେ, ସେହେତୁ ବାହାଇମାନେ ମାର୍ଚ୍ଚ ୨୧ ତାରିଖକୁ ସେମାନଙ୍କ ନୂଆ ବର୍ଷ ଭାବରେ ପାଳନ କରନ୍ତି । ବାହାଇ-ବର୍ଷର ୧୯ଟି ମାସକୁ ବୈଭବ, ଦୟା, ତେଜ, ଅଙ୍ଗବିନ୍ୟାସ, ଶକ୍ତି, ପୂର୍ଣ୍ଣତା ଭଳି ଦିବ୍ୟ ଗୁଣ ନାମରେ ନାମିତ କରାଯାଏ ଏବଂ ଶେଷ ଊନବିଂଶ ମାସଟି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟବର୍ତ୍ତୀ ସମୟରେ ପୂର୍ଣ୍ଣ ଉପବାସ ଭାବରେ ପାଳିତ ହୁଏ । ବର୍ଷରେ ୪ ଦିନ, ଅଧିବର୍ଷରେ ୫ ଦିନର ବ୍ୟବଧାନ ଅର୍ଥାତ୍ ଫେବୃଆରୀ ୨୫ରୁ ୨୯ ତାରିଖ ମଧ୍ୟରେ ବାହାଇମାନେ ଦାନପୁଣ୍ୟ, ପରୋପକାର, ଅତିଥିସତ୍କାର, ସମାଜସେବା କାର୍ଯ୍ୟରେ ସେମାନଙ୍କ ଦୃଷ୍ଟି ଓ ସଂବଳ ନିବଦ୍ଧ କରନ୍ତି, ଯାହା ସୂଚାଇଦିଏ ଗରିବ, ଭିନ୍ନକ୍ଷମ, ଅଭାବୀ ଲୋକଙ୍କ ପ୍ରତି ସେବା କ୍ଷେତ୍ରରେ ସେମାନଙ୍କ ସାଧାରଣ କାର୍ଯ୍ୟର ସଂପ୍ରସାରଣ । ବାହାଇମାନଙ୍କର ଲକ୍ଷ୍ୟ ହେଉଛି ବଞ୍ଚିତମାନଙ୍କ ମନକୁ ଆଶା ବିଶ୍ୱାସର ଭାବରେ ପୂର୍ଣ୍ଣକରିବା । ଶ୍ରଦ୍ଧା ଚିନ୍ତାର ବାର୍ତ୍ତା ସୂଚିତ କରିବା ଏବଂ ସେମାନଙ୍କୁ ବିଶ୍ୱାସ ଦେବା ଯେ ସଂକଟ ସମୟରେ ସେମାନେ ନିଃସଙ୍ଗ, ବିସ୍ମୃତ ନୁହନ୍ତି । ଏକତାର ବାର୍ତ୍ତା ପ୍ରଚାର କରିବା ଏବଂ କୁସଂସ୍କାର, ପକ୍ଷପାତର ଦୋଷ ଦୂର କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେବା ପାଇଁ ବାସ୍ତବ, ଆଭାସୀ ସର୍ବଧର୍ମ ସେମିନାର୍‌ର ଆୟୋଜନ କରାଯାଏ ।

'ବସନ୍ତ ପଞ୍ଚମୀ' ଏକ ନୂଆ ଜୀବନ, ନୂଆ ଆରମ୍ଭର ପ୍ରତୀକ, ଯାହା ଆମକୁ ପ୍ରାକୃତିକ ଚକ୍ର ସ୍ମରଣ କରାଇଦିଏ । ବସନ୍ତ, ଗ୍ରୀଷ୍ମ, ଶରତ, ଶୀତର ଋତୁଚକ୍ର ଭଳି ସତ୍ୟ, ତ୍ରେତା, ଦ୍ୱାପର, କଳିର ଯୁଗଚକ୍ର । ଆମେ ଏବେ କଳି ଯୁଗରେ, ଯାହା ଆମର ଯନ୍ତ୍ରଣା ଓ ଶତ୍ରୁତାର ଚେତନା ହେତୁ ସୃଷ୍ଟି ହୋଇଛି । ଦିବ୍ୟତ୍ୱର ଚେତନାକୁ ଉତ୍ତୋଳିତ ହେଲେ ଆମେ ସତ୍ୟ ଯୁଗର ନୂଆ ପୃଥିବୀ ସୃଷ୍ଟି କରିବା, ଯହିଁ ରାଜତ୍ୱ କରିବ ଶାନ୍ତି, ଆନନ୍ଦ ଓ ସମୃଦ୍ଧି । ଦେବୀ ସରସ୍ୱତୀଙ୍କ ବାହନ ହଂସ ଜଳରୁ କ୍ଷୀରକୁ, ବାଲିଗରଡ଼ାରୁ ମୁକ୍ତାକୁ ପୃଥକ କଲା ଭଳି ଆମେ ମନ୍ଦରୁ ଭଲକୁ, ଭୁଲ୍‌ରୁ ଠିକ୍‌କୁ ପୃଥକ କରିବାର ଶକ୍ତି ସଂଗ୍ରହ କରିବା ଆବଶ୍ୟକ । ଯଥାର୍ଥ ବିଚାର ଆମକୁ ସତ୍ କର୍ମର ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ଆଡ଼କୁ ବାଟ କଢ଼ାଇନେବ । ଦେବୀ ବୀଣାର ତୋରିଗୁଡ଼ିକୁ ନିୟନ୍ତ୍ରଣ କଲାଭଳି ଆମେ ଆମର ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରିବା । ଦେବୀଙ୍କ ହାତରେ ଅଛି ଶାସ୍ତ୍ର ଆଉ ଜପମାଳା । ଶାସ୍ତ୍ର ସୂଚାଇଦିଏ ଆଧ୍ୟାତ୍ମିକ ଜ୍ଞାନର ଅଧ୍ୟୟନ, ଶିକ୍ଷା, ଯଦ୍ୱାରା ଆମର କର୍ମ ଆଧ୍ୟାତ୍ମିକ ନିୟମ ଅନୁଯାୟୀ ହେବ, ଜପମାଳା ଆମକୁ ସୌହାର୍ଦ୍ଦ୍ୟପୂର୍ବକ ବାସ କରିବାର ପ୍ରେରଣା ଦିଏ । ଉତ୍ସାହର ସହିତ ପାଳନ କଲେ ବସଂତ ପଞ୍ଚମୀ ହୋମ, ଗୁଡ଼ିଉଡ଼ା, ମିଷ୍ଟାନ୍ନ ଓ ହଳଦିଆ ସୋରିଷ ମଂଜିର ସୁନ୍ଦର ପରମ୍ପରା ରକ୍ଷା କରେ । ହୋମ ଆମର ଦୋଷଗୁଡ଼ିକୁ ଜାଳିଦେବାର ଅର୍ଥାତ୍ ତ୍ୟାଗ କରିବାର ପ୍ରତୀକ । ଗୁଡ଼ିଉଡ଼ା ଆମକୁ ଈଶ୍ୱର-ପ୍ରେମର ଏକମାତ୍ର ଡୋରୀ ସହିତ ସଂଯୁକ୍ତ ହୋଇ ରହିବାକୁ ଓ ପରିସ୍ଥିତିର ଦୋଳନ ଦ୍ୱାରା ପ୍ରଭାବିତ ନହୋଇ ଆନନ୍ଦର ସର୍ବୋଚ୍ଚ ଦୋଳନରେ ଉଡ଼ାଣ ଜାରୀ ରଖିବାକୁ ସ୍ମରଣ କରାଇଦିଏ । ମିଷ୍ଟାନ୍ନ ଆମକୁ କ୍ରିୟା ଓ ପରସ୍ପର କ୍ରିୟାରେ ସଦିଚ୍ଛା ଓ ଆଶିଷ ବିକୀର୍ଣ୍ଣ କରିବାର ପ୍ରେରଣା ଦିଏ । କ୍ଷୁଦ୍ର ହଳଦିଆ ସୋରିଷ ମଞ୍ଜିଗୁଡ଼ିକ ସ୍ମରଣ କରାଇଦିଅନ୍ତି ଯେ ଆମେ ଆତ୍ମା, ଆଲୋକର ଏକ କ୍ଷୁଦ୍ର ବିନ୍ଦୁ । ଆତ୍ମା-ସଚେତନତା ଆମକୁ ଅହଂମୁକ୍ତ, ଦୋଷମୁକ୍ତ କରେ । ସୁନାରଂଗର ହଳଦିଆ ଶସ୍ୟ ଓ ଫୁଲଗୁଡ଼ିକ ସତ୍ୟଯୁଗର ସମୃଦ୍ଧିକୁ ଦର୍ଶାଇଦିଏ । ହଳଦିଆ ରଂଗ ଆନନ୍ଦର ପ୍ରତିନିଧିତ୍ୱ କରେ । ତେଣୁ ଈଶ୍ୱରଙ୍କୁ ପ୍ରଦତ୍ତ ହଳଦିଆ ଫୁଲ ଓ ଫଳ, ହଳଦିଆ ଲୁଗା, ହଳଦିଆ ବ୍ୟଞ୍ଜନ ଇତ୍ୟାଦି ସୁଖୀ ହେବାର ଅନୁସ୍ମାରକ । 'ଗୁରୁ ଗ୍ରନ୍ଥ ସାହେବ୍'ରେ ଉଲ୍ଲେଖ ଅଛି, 'ହେ ନାନକ, ବସନ୍ତ ଋତୁ ତାଙ୍କ ନିକଟକୁ ଆସେ ଯିଏ ପ୍ରକୃତ ଗୁରୁଙ୍କୁ ସେବା କରନ୍ତି । ଈଶ୍ୱର ତାଙ୍କ ଉପରେ ଦୟା ବୃଷ୍ଟି କରନ୍ତି, ଏବଂ ତାଙ୍କର ମନ ଓ ଦେହ ସଂପୂର୍ଣ୍ଣ ପ୍ରସ୍ଫୁଟିତ ହୁଏ, ସମଗ୍ର ପୃଥିବୀ ସବୁଜ ଓ ପୁନଃଯୌବନ ପ୍ରାପ୍ତ ହୁଏ । ଶବ୍ଦ ଚିରନ୍ତନ ବସନ୍ତ ଆଣେ, ମନ ଓ ଦେହକୁ ପୁନଃଯୌବନ ଦାନ କରେ ।

ଶରତରୁ କଠୋର ନିର୍ମମ ଶୀତଋତୁ ମାଧ୍ୟମରେ ଭୂମି ଅନୁର୍ବର ହୁଏ, ପତ୍ରମାନେ ଝଡ଼ିପଡ଼ନ୍ତି ଓ ଘାସ ଜୀବନଶୂନ୍ୟ ହୁଏ । ଅନ୍ଧାରର ଆବରଣ ତଳେ ପ୍ରତ୍ୟେକ ବସ୍ତୁ ଗଭୀର ନିଦ୍ରାରେ ମଗ୍ନ । ଏ ହେଉଛି ବାହାରର ଦୃଶ୍ୟ, କିନ୍ତୁ ଆମ ଭିତରେ ମଧ୍ୟ ଅମଂଗଳ ଅଂଧାରର ନିବାସ । ସନ୍ଥ କବୀର କହନ୍ତି, "ଏହି ଦେହ- ଦେଉଳରେ ଶୋଇଥିଲାବେଳେ ମୁଁ ଈଶ୍ୱରଙ୍କ ଚିରନ୍ତନ ଶବ୍ଦ ଶୁଣି ଜାଗ୍ରତ ହୋଇଛି ।" ନିଦ୍ରା ଅଜ୍ଞତା, ଅନ୍ଧକାର, ଜଡ଼ତ୍ୱ ଓ ଅଚେତନତାର ପ୍ରତୀକ । ଏହି ନିଦ୍ରା ହେଉଛି ଆଭ୍ୟନ୍ତରୀଣ ଶରତ, ମନର ଶରତ । ଯିଏ ସୁପ୍ତ, ସେ ବନ୍ଧନଯୁକ୍ତ । କେବଳ ଜାଗ୍ରତ ହିଁ ବନ୍ଧନମୁକ୍ତ । ଅଜ୍ଞତା ସଦୃଶ ନିଦ୍ରା ହେଉଛି ଯଂତ୍ରଣା । ଜାଗରଣ ହିଁ ଚିରନ୍ତନ ଆନନ୍ଦ । ଆମ ଭିତରେ ଏହି ଆନନ୍ଦର ପୁଷ୍ପ ପ୍ରସ୍ଫୁଟିତ ହେଲେ ଆମେ କହିପାରିବା ବସନ୍ତ ଆସିଯାଇଛି । ବସନ୍ତର ଅର୍ଥ ପ୍ରସ୍ଫୁଟନ । ଅଜ୍ଞତାର ଶରତ ଶେଷ ହୋଇଛି । ବସନ୍ତ ସଂକେତ ଦେଉଛି ଯେ ଫୁଲଗୁଡ଼ିକ ଫୁଟିଛି । ଆମକୁ ବେଷ୍ଟନ କରିଥିବା ଅଜ୍ଞତାର ଅଂଧକାର ଛାଡ଼ିଯାଇଛି ଓ ତା'ର ସ୍ଥାନ ଗ୍ରହଣ କରିଛି ସର୍ବୋଚ୍ଚ ଜ୍ଞାନର ଆଲୋକ । ଶୀତରେ ଶିର୍ଣ୍ଣକାୟ ହୋଇଥିବା କ୍ଷୁଦ୍ର ଚାରାଗୁଡ଼ିକ ବସନ୍ତର ଆଗମନରେ ଅଭିବୃଦ୍ଧି ଲାଭ କରନ୍ତି, କାଣ୍ଡ ବୃଦ୍ଧି ପାଏ, କଢ଼ଗୁଡ଼ିକ ଦୃଶ୍ୟ ହୁଅନ୍ତି ଏବଂ କିଛି ସପ୍ତାହ ମଧ୍ୟରେ ଫୁଲଗୁଡ଼ିକ ଫୁଟନ୍ତି । କଠୋର ନିର୍ମମ ଶୀତ ଶେଷ ହେବା ମାତ୍ରେ ଚତୁର୍ଦ୍ଦିଗରେ ରଂଗଗୁଡ଼ିକର ପ୍ରସାର ଆରମ୍ଭ ହୁଏ । ଏଗୁଡ଼ିକ ବସନ୍ତର ରଂଗ । ଈଶ୍ୱର-ପ୍ରେମ ଉଦୟ ହେଲେ ଏକ ଚିରନ୍ତନ ବସନ୍ତର ଅନୁଭୂତି ଆମର ହୁଏ । ବାହାରେ ଫୁଟିଥିବା ଫୁଲଗୁଡ଼ିକ ସମୟକ୍ରମେ ମଉଳିଯିବେ, କିନ୍ତୁ ବ୍ୟକ୍ତି ଭିତରେ ଫୁଟିଥିବା ଦିବ୍ୟ ପ୍ରେମର ଫୁଲ କେବେ ମଉଳେ ନାହିଁ, ସେପରି ବ୍ୟକ୍ତି ପାଇଁ ବସନ୍ତ କେବେ ସରେ ନାହିଁ ।

ପ୍ରାଚୀନ ଗ୍ରୀସ୍‌ର ଆରିଷ୍ଟୋଟଲ୍, ଜେନୋଫନ୍ ଓ ଅନ୍ୟ ତତ୍ତ୍ୱଜ୍ଞାନୀମାନଙ୍କ ଦର୍ଶନ ଅନୁଯାୟୀ ଧର୍ମକୁ ବିଶ୍ୱସୃଷ୍ଟିର ସର୍ବଜନୀନ ବ୍ୟବସ୍ଥା ସହିତ ସମକାଳିକ ଉପଚାର ଭାବରେ ଉପସ୍ଥାପନ କରାଯାଇପାରିବ । ଗ୍ରୀକ୍ ଶବ୍ଦ 'ଆସିଡିଆ', ଯାହା ସୂଚିତ କରୁଛି ଅବଧାନର ଅଭାବ, ଆଧ୍ୟାତ୍ମିକ ଉଦାସୀନତା, ନିଜ ସହିତ ଓ ବିଶ୍ୱ ସହିତ ସଂଯୋଗର ଅଭାବ ଇତ୍ୟାଦିକୁ, ତା'ର ଅର୍ଥ ଖ୍ରୀଷ୍ଟିଆନ୍‌ମାନଙ୍କ ମତରେ, ପାପ, ଦୁରାଚାରିତା, ଅଧର୍ମ । ଆଳସ୍ୟ ହେଉଛି ଜୀବନନାଶକ ପାପ, ଯାହା ଦୈହିକ ଆଳସ୍ୟ ନୁହେଁ, ଆଧ୍ୟାତ୍ମିକ ଜଡ଼ତ୍ୱ । ଗ୍ରୀକ୍ ଶବ୍ଦ 'ଏନ୍‌କ୍ରାଟିଆ'ର ସୃଷ୍ଟି 'କ୍ରାଟସ୍' ଶବ୍ଦରୁ, ଯାହାର ଅର୍ଥ 'ଶକ୍ତି', ଯାହା ସକଳ ପୁଣ୍ୟ, ସଦାଚାର, ଧର୍ମର ମୂଳଭିତ୍ତି, ଯେଉଁ ଶକ୍ତି ଅନ୍ୟ ଉପରେ ନୁହେଁ ନିଜ ଉପରେ ପ୍ରୟୋଗ କରି ନିଜର ଦୁର୍ବଳତା, ଚେତନାହୀନତାକୁ ଜୟ କରିବାର ଓ ଅନ୍ୟ କାହାର ନୁହେଁ ନିଜ ବିବେକର ଆଜ୍ଞା ପାଳନ କରିବାର ସମ୍ମତି ଓ ସାମର୍ଥ୍ୟ । ବ୍ୟାସଦେବଙ୍କ 'ମହାଭାରତ', ହୋମରଙ୍କ 'ଇଲିଆଡ୍' କାବ୍ୟରେ ଅଧର୍ମ ଓ ଧର୍ମର ହୃଦୟସ୍ପର୍ଶୀ ବର୍ଣ୍ଣନା । ୧୬୭୮ ବର୍ଷରେ ପ୍ରକାଶିତ ଜନ୍ ବୁନିୟାନ୍‌ଙ୍କ କାବ୍ୟ 'ଦି ପିଲ୍‌ଗ୍ରୀମ୍‌ସ୍ ପ୍ରୋଗ୍ରେସ୍' ଯାହା ୨୦୦ରୁ ଊର୍ଦ୍ଧ୍ୱ ଭାଷାରେ ଅନୂଦିତ ଓ ବାଇବେଲ୍ ପଛକୁ ଦ୍ୱିତୀୟ ଧର୍ମଗ୍ରନ୍ଥର ମାନ୍ୟତାପ୍ରାପ୍ତ, ସେଥିରେ ଅଧର୍ମର ଅନ୍ଧାର ରାତିରୁ ଧର୍ମର ସ୍ୱର୍ଗୀୟ ପବିତ୍ର ଆଲୋକ ଅଭିମୁଖେ ମଣିଷର ବ୍ୟଞ୍ଜନାତ୍ମକ ଯାତ୍ରାର ବର୍ଣ୍ଣନା । ବସନ୍ତର ଅର୍ଥ ପ୍ରସ୍ଫୁଟନ ଅର୍ଥାତ୍ ବିବେକର ଅନିଳ, ସତ୍ ବିଚାରର ସଲିଳ ପ୍ରଭାବରେ ମଣିଷର ହୃଦୟ-ବୃକ୍ଷରେ ପୁଣ୍ୟ, ଧର୍ମ, ସଦାଚାର, ସେବା, ସଂସ୍କାର ପୁଷ୍ପର ପ୍ରସ୍ଫୁଟନ, ଯାହା ଯଥାର୍ଥରେ ସୂଚିତ କରୁଛି ମଣିଷ-ଜୀବନରେ ବସନ୍ତର ମଧୁର ସ୍ପର୍ଶ ।

# ନାରୀଟିଏ ବୋଲି !



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୫୧୦୫୨

ଦିନ ଥିଲା ନାରୀକୁ ଅବଳା -ଦୁର୍ବଳା ବୋଲି କୁହାଯାଉଥିଲା । ଘର ହେଉକି ବାହାର ହେଉ ସବୁଠି ସେ ଅସୁରକ୍ଷିତ ମନେକରୁଥିଲା । ଏବେବି ସେଇକଥା ଦେଖାଯାଉଛି । ସତେ ଯେମିତି ତାର ସ୍ୱାଧୀନତା କିଛି ନାହିଁ । ବରଂ ଅମାନବୀୟ ଓ ଅମାନୁଷିକ କାର୍ଯ୍ୟ ବଢିଚାଲିଛି । ସବୁଠି ଖାଲି ନାରୀ ନିର୍ଯାତନାର କଥା ଓ ବ୍ୟଥା । ଦିନକୁ ଦିନ ଆମରାଜ୍ୟ ତଥା ଦେଶରେ ନାରୀ ନିର୍ଯାତନା ବଢିଚାଲିଛି । ଏପରିକି ସ୍ୱାଧୀନତାର ୭୯ବର୍ଷ ପରେ ଆମ ମାନସିକତାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ । ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ ଯେଉଁ ଦିନ ଜଣେ ମହିଳା ରାତି ଅଧରେ ନିବିଘ୍ନରେ ଫେରିଆସିବ ତାହାଲେ ଆମେ ପ୍ରକୃତ ସ୍ୱାଧୀନତା ହାସଲ କରିଛେ ବୋଲି କହିପାରିବା । କିନ୍ତୁ ବିଡମ୍ବନାର ବିଷୟ ଗାନ୍ଧିଜୀଙ୍କ ସ୍ୱପ୍ନ ଆଜି ସୁଦୂର ପରାହତ । ଖବରକାଗଜ ପୃଷ୍ଠା ଖୋଲିଲେ ଓ ଟିଭି ପରଦା ଦେଖିଲେ ନାରୀମାନଙ୍କ ପ୍ରତି ସବୁଠି ନିର୍ଯାତନାର କରୁଣସ୍ୱର । କେଉଁଠି ନାରୀ ପ୍ରତି ଅସଦାଚରଣ ତ କେଉଁଠି ଦୁଷ୍କର୍ମ ବା ଗଣଦୁଷ୍କର୍ମ ତ ଆଉ କେଉଁଠି ଆତ୍ମାହୁତି । ଛାତିଥରା ଘଟଣା । ଏସବୁ ଦେଖିଲେ ସତେ ଯେମିତି ଲାଗୁଛି ଏ ରାଜ୍ୟ ବା ଦେଶରେ ନାରୀମାନେ ଅସୁରକ୍ଷିତ । ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏସବୁ ଘଟଣା । ଦିଲ୍ଲୀର ନିର୍ଭୟା ଘଟଣା ଏବେବି ଆମ ମଣିଷ ପଣିଆ ପ୍ରତି ଚରମ ଉପହାସ । ସେହିପରି ଆମରାଜ୍ୟରେ ବହୁ ଚର୍ଚ୍ଚିତ ଛବିରାଣୀ ଘଟଣା ଏବେବି ଅପାସରା ହୋଇ ରହିଛି । ସେହିପରି ଫେଭର ଜାଲରେ ଇତିଶ୍ରୀରୁ ସୌମ୍ୟଶ୍ରୀ ଘଟଣା ଆମ ମାନବ ସମାଜ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଯଦିଓ ଏକ ପରିପୂର୍ଣ୍ଣ, ସୁସ୍ଥ ଓ ସୁନ୍ଦର ସମାଜ ନାରୀ ବିନା ସମ୍ଭବ ନୁହେଁ । ଏସବୁ ସତ୍ତ୍ୱେ ପ୍ରତି ମୁହୂର୍ତ୍ତରେ ତାକୁ ନୂଆ ନୂଆ ସଂଘର୍ଷର ସମ୍ମୁଖୀନ ହେବାକୁ ପଡୁଛି । ନାରୀ ମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର । ନାରୀଙ୍କୁ ସୁରକ୍ଷା ଦେବା ପାଇଁ ରହିଛି ବିଭିନ୍ନ ନ୍ୟାୟିକ ବ୍ୟବସ୍ଥା । ହେଲେ ଏହାରି ଭିତରେ ବି ଏଭଳି ହୃଦୟ ବିଦାରକ ଘଟଣା ଘଟୁଛି ଯାହା ନାରୀଙ୍କ ସୁରକ୍ଷାକୁ ପ୍ରଶ୍ନ ଘେର ଭିତରକୁ ଟାଣିନେଉଛି । ନିକଟରେ ଆମରାଜ୍ୟରେ ଘଟିଥିବା ସୌମ୍ୟାଶ୍ରୀ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି । ସେ ପଢୁଥିବା ଏଫ୍.ଏମ୍ କଲେଜର ବିଭାଗ ମୁଖ୍ୟ ତାଙ୍କ ଠାରୁ କୁଆଡେ ଫେଭର ଆଶା କରିଥିଲେ । ବିଫଳ ହେବାପରେ ସୌମ୍ୟଶ୍ରୀଙ୍କ ଉପରେ ବଢିଚାଲିଥିଲା ମାନସିକ ନିର୍ଯାତନା । ସେ ମଧ୍ୟ ନ୍ୟାୟ ଆଶାରେ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ଓ ରାଜନେତାଙ୍କ ଦ୍ୱାରସ୍ଥ ହୋଇଥିଲେ । ସବୁଆଡୁ ନିରାଶ ହେବାପରେ ସେ ସର୍ବସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଲେ । ସେ ଚାଲିଯିବା ପରେ ତାଙ୍କୁ ନ୍ୟାୟ ଦାବୀକରି ରାଜ୍ୟବ୍ୟାପୀ ହୁଲୁସ୍ଥୁଲ ଅବସ୍ଥା ।

ନାରୀ ସର୍ବଦା ପୂଜନୀୟା । ଏକାଧାରରେ ସେ ଜନନୀ, ଜାୟା ଓ ଭଗିନୀ । ମା' ହିସାବରେ ସେ ଜନ୍ମଦାତ୍ରୀ । ତା' ବିନା ସୃଷ୍ଟି ନାହିଁ । ଜାୟା ଭାବେ ସେ ପୁରୁଷର ସହଧର୍ମିଣୀ - ତା ଦାମ୍ପତ୍ୟ ଜୀବନର ସାଥୀ । ଭଗିନୀ ହିସାବରେ ସ୍ନେହ-ଶ୍ରଦ୍ଧାର ଅଧିକାରିଣୀ ସିଏ । ତଥାପି ମହିଳାମାନଙ୍କୁ ଅନେକ ସମୟରେ ଉପେକ୍ଷିତ ହେବାକୁ ପଡୁଛି । ପରିବାର ଠାରୁ ଆରମ୍ଭ କରି ସମାଜ ବ୍ୟବସ୍ଥାରେ ସେ ହିଂସା ଓ ବୈଷମ୍ୟର ଶୀକାର ହେଉଛି । ମହିଳାମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିବା ବିଭିନ୍ନ ଭେଦଭାବକୁ ଦୂରେଇବାର ଗୋଟିଏ ମାଧ୍ୟମ ହେଉଛି ସଚେତନତା । ମହିଳା ନିଜେ ହେଉ କିମ୍ବା ତା ଆଖ ପାଖରେ ଥିବା ପୁରୁଷ ହୁଅନ୍ତୁ ସମସ୍ତେ ଯେତେ ସଚେତନ ହେବେ ସେତେ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର କମିବ । ସେଥିପାଇଁ ବିଶ୍ୱସ୍ତରରେ ନାରୀମାନଙ୍କ ପାଇଁ ବିଭିନ୍ନ ଦିବସ ପାଳନ କରାଯାଉଛି । ଏଥିମଧ୍ୟରେ ରହିଛି ମାର୍ଚ୍ଚ ୦୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ, ମାର୍ଚ୍ଚ ୦୧ ତାରିଖ ଶୂନ୍ୟଭେଦଭାବ ଦିବସ ଅପ୍ରେଲ ଯୌନଉତ୍ପୀଡନ ସଚେତନତା ମାସ, ଅଗଷ୍ଟ ୨୬ ମହିଳା ସମାନତା ଦିବସ, ନଭେମ୍ବର ୨୫ ଆନ୍ତର୍ଜାତିକ ମହିଳା ହିଂସା ନିରୋଧୀ ଦିବସ ଇତ୍ୟାଦି ପାଳନ କରାଯାଉଅଛି । ସେହିପରି ଆମ ଦେଶରେ ମଧ୍ୟ ନାରୀଶକ୍ତିକୁ ସୁରକ୍ଷା ସମ୍ପର୍କରେ ଅନେକ ପଦକ୍ଷେପ ନିଆଯାଇଛି । କେବଳ ସେତିକି ନୁହେଁ ଦିଲ୍ଲୀର ନିର୍ଭୟା ଘଟଣାପରେ ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ନିର୍ଭୟା ଆକ୍ଟ ମଧ୍ୟ ଲାଗୁ କରାଯାଇଛି । କେବଳ ଏତିକି ନୁହେଁ ଛୋଟ ଶିଶୁଙ୍କ ପ୍ରତି ଯୌନ ଉତ୍ପୀଡନକୁ ରୋକିବାକୁ ପୋକ୍ସୋ ଆକ୍ଟ, ବାଲ୍ୟ ବିବାହ ରୋକିବାକୁ ପ୍ରୋହିଭିସନ ଅଫ୍ ଚାଇଲ୍ଡ ମ୍ୟାରେଜ୍ ଆକ୍ଟ, ଘରୋଇ ହିଂସା ରୋକିବାକୁ ଆକ୍ଟ ରହିଛି । ଏତେ ନିୟମ ରହିବା ସତ୍ତ୍ୱେ ଏଠାରେ ଏଭଳି ଘଟଣା ଘଟିଛି ଯାହା ଆଜି ମଧ୍ୟ ଭାରତୀୟ ନାରୀଙ୍କୁ ଭୟ ଦେଇଥାଏ । ଆମ ଦେଶରେ ପୂର୍ବରୁ ଘଟିଥିବା ଅନେକ ହୃଦୟ ବିଦାରକ ଘଟଣା ନାରୀମାନଙ୍କ ସୁରକ୍ଷା ଉପରେ ଅନେକ ପ୍ରସଙ୍ଗ ସୃଷ୍ଟି କରୁଛି । ଯେପରିକି ଦିଲ୍ଲୀର ନିର୍ଭୟା ଗଣ ଦୁଷ୍କର୍ମ, ୨୦୧୩ରେ ହୋଇଥିବା ମୁମ୍ବାଇ ଗ୍ୟାଙ୍ଗ୍ ରେପ୍ କେସ୍, ୨୦୧୪ରେ ଉତ୍ତରପ୍ରଦେଶରେ ହୋଇଥିବା ବାଦୁଁଆ ଦୁଷ୍କର୍ମ ମାମଲା, ୨୦୧୭ରେ ହୋଇଥିବା ଉନାଓଁ ଦୁଷ୍କର୍ମ ମାମଲା, ୨୦୧୮ରେ ହୋଇଥିବା କାଠୁଆ ଗଣଦୁଷ୍କର୍ମ ଭଳି ମାମଲା ଆଜି ମଧ୍ୟ ମହିଳାଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଥାଏ ।

ମହିଳାମାନଙ୍କ ଆନ୍ଦୋଳନ ଫଳରେ ସାରା ବିଶ୍ୱରେ ଓ ଆମ ଦେଶରେ ମହିଳାମାନଙ୍କୁ ଅଭୁତପୂର୍ବ ସଫଳତା ମିଳିଛି । ଏଭଳି କାମ ନାହିଁ ଯେଉଁ କ୍ଷେତ୍ରରେ ମହିଳାମାନେ ଦକ୍ଷତାରସହ କାମକରି ଦେଖାଇନାହାଁନ୍ତି । ଆନି କୋହେନ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏ କି ସଫଳତାର ସହ ସାଇକେଲରେ ବିଶ୍ୱ ଭ୍ରମଣ କରିବାର ଗୌରବ ଅର୍ଜନ କରିଥିଲେ । ଏଲିନା ଲୁକ୍ରେଜିଆ ହେଉଛନ୍ତି ଏପରି ଜଣେ ମହିଳା ଯିଏକି ସର୍ବପ୍ରଥମ ଫିଲୋସଫିରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ । ସେହିପରି ସାରାହ୍ ଡିଲିସ୍ ଆଉଟେନ୍ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏକି ସମୁଦ୍ର ଭିତରେ ଏକୁଟିଆ ଡଙ୍ଗାକୁ ଆହୁଲାମାରି ଜାପାନରୁ ଆଲାସ୍କା ଯାତ୍ରା କରିବାରେ ସଫଳ ହୋଇଥିଲେ । ଭାଲେଣ୍ଟିନା ତେରେସ୍କୋଭା ବିଶ୍ୱର ପ୍ରଥମ ମହାକାଶଚାରୀ । ଆମ ଦେଶ ତଥା ରାଜ୍ୟରେ ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇ ମହିଳାମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ବୈଦିକ ଯୁଗରେ ବିଶ୍ୱବାରା, ଲୋପାମୁଦ୍ରା, ଗାର୍ଗୀ, ପୁରାଣ ଯୁଗରେ ସୀତା, ସାବିତ୍ରୀ, ଅନସୂୟା ଆଦି ନାରୀମାନେ ସମାଜରେ ଉଚ୍ଚସ୍ଥାନର ଅଧିକାରିଣୀ ହୋଇପାରିଥିଲେ । ବର୍ତ୍ତମାନର ନାରୀ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି । ସେହିପରି ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ , ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କଠାରୁ ଆରମ୍ଭ କରି ମୀରା କୁମାର, ନିର୍ମଳା ସୀତାରମଣ , ପି.ଟି ଉଷାଙ୍କ ଠାରୁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସୁନିତା ଚୌଧୁରୀଙ୍କ ଠାରୁ ପଦ୍ମିନୀ ରାଉତ, ୨୦୨୪ ପାରା ଅଲମ୍ପିକ୍ ବିଜୟିନୀ ମନୁ ଭାକର, କିରଣ ବେଦୀଙ୍କ ଠାରୁ ରୂପା ମିଶ୍ର ଏବଂ ଐଶ୍ୱର୍ଯ୍ୟ ରାୟ ବଚ୍ଚନଙ୍କ ଠାରୁ ନନ୍ଦିତା ଦାସଙ୍କ ଏପରିକି ଜ୍ୟୋତିର୍ମୟୀ ଦାସଙ୍କ ପର୍ଯ୍ୟନ୍ତ ସବୁଠି ନାରୀର ଜୟଯାତ୍ରା ।

ଏ ସବୁ ମହିଳାମାନଙ୍କ ଆଖିଦୃଶିଆ ସଫଳତା ସତ୍ତ୍ୱେ ମହିଳା ଜଣଙ୍କ ନାଁ ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଯୌତୁକ ହତ୍ୟା, ଘରୋଇ ହିଂସା ଓ କନ୍ୟାଭ୍ରୂଣ ହତ୍ୟା ବଢ଼ିବାରେ ଲାଗିଛି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ଏକ ସର୍ବେକ୍ଷଣରୁ ଜଣାପଡ଼େ ଭାରତରେ ପ୍ରତି ୭୮ମିନିଟ୍‌ରେ ଗୋଟିଏ ଯୌତୁକ ଜନିତ ବଧୂହତ୍ୟା, ପ୍ରତି ୫୯ମିନିଟ୍‌ରେ ଜଣେ ମହିଳା ଯୌନ ଶୋଷଣର ଶୀକାର ହେଉଥିବା ବେଳେ ପ୍ରତି ୩୪ମିନିଟ୍‌ରେ ଜଣେ ମହିଳା ନିର୍ଯାତନା ଏବଂ ପ୍ରତି ୫ଜଣ ବିବାହିତ ମହିଳାଙ୍କ ମଧ୍ୟରୁ ୩ ଜଣ ମହିଳା ଘରୋଇ ହିଂସାର ଶୀକାର ହେଉଛନ୍ତି । ଦୁଷ୍କର୍ମ ବା ଧର୍ଷଣ କଥା ଆହୁରି ତଦ୍ରୁପ । ଶତକଡ଼ା ୨୦ଭାଗରୁ ଅଧିକ ମହିଳା ଧର୍ଷଣର ଶୀକାର ହେଉଛନ୍ତି । ଅତୀତରେ ୧୯୭୮ରେ ଗୀତା ଚୋପ୍ରା, ୧୮୮୮ରେ ରୂପମ୍ ବଜାଜ, ୧୯୯୩ରେ ରୁଚିକା, ୧୯୯୭ରେ ପ୍ରିୟଦର୍ଶିନୀ ମାଟ୍ଟୁ, ୧୯୯୯ରେ ଜେସିକା ଘଟଣାଗୁଡିକ ଆମ ଭୋକ୍ତା ମନୋଭାବର ଏକ ନିଚ୍ଛକ ପରିପ୍ରକାଶ କହିଲେ ଭୁଲ୍ ହେବ ନାହିଁ । ପରବର୍ତ୍ତୀ ସମୟରେ ଇତିଶ୍ରୀ, ବେବିନାଙ୍କ ପରି ଅନେକ ମହିଳା ନିର୍ଯାତନାର ଶିକାର ହେବା ଘଟଣା ଆମ ବିକୃତ ମାନସିକତାର ଗୋଟିଏ ଗୋଟିଏ ଉଦାହରଣ ।

ରାଜ୍ୟରେ ଏଭଳି ଅନେକ କ୍ଷେତ୍ରରେ ଫେଭର ଭଳି ଅପଶବ୍ଦର ଶିକାର ହେଉଛନ୍ତି ମହିଳାମାନେ । ବିଶେଷକରି କର୍ମଜୀବୀ ମହିଳା ଓ ଅଧ୍ୟୟନରତା ଛାତ୍ରୀ ଏହିଭଳି ଗଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି । ଏଥରପାଇଁ କଣ ଆମ ସମାଜ ଦାୟୀନୁହେଁ । ପୁରୁଷନାରୀ ମଧ୍ୟରେ ସମାନତା କଥା ଆମେ ବିଭିନ୍ନ ସଭା ସମିତିରେ ଚିତ୍କାର କରୁଛେ । ମହିଳା ସଶକ୍ତିକରଣ, ସ୍ୱାବଲମ୍ବୀ ନେଇ ଅନେକ ଭାଷଣ ଶୁଣୁଛେ, ତେବେ କାହିଁକି ମହିଳାଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାରକୁ ବିଭିନ୍ନ ସମୟରେ ଛଡାଇ ନିଆଯାଉଛି । କାହିଁକି ଫେଭରର ଶିକାର ହେଉଛନ୍ତି ଇତିଶ୍ରୀଙ୍କ ଠାରୁ ଆରମ୍ଭ କରି ସୌମ୍ୟାଶ୍ରୀଙ୍କ ପର୍ଯ୍ୟନ୍ତ ନିରୀହ ଯୁବତୀମାନେ । ପୁଣିଥରେ ଫେଭର ଶବ୍ଦର ଜାଲରେ ଆଉ କେହି ଛନ୍ଦି ହେବା, ନ୍ୟାୟ ନପାଇ ଆଉ କାହା ଜୁଇ ଜଳିବା ପୂର୍ବରୁ ତୃଣମୂଳ ସ୍ତରରେ ଏନେଇ ଅଧିକ ସଚେତନାତାର ଆବଶ୍ୟକତା ରହିଛି । ବିଭିନ୍ନ ସମୟରେ କେନ୍ଦ୍ର ସରକାର ଓ ରାଜ୍ୟସରକାର ବିଭିନ୍ନ ନାରୀ ସୁରକ୍ଷା ପ୍ରତି ଉଦ୍ୟମ ଜାରିରଖିଛନ୍ତି । ନିର୍ଭୟା ଘଟଣାପରେ ଯେଉଁ ଆଇନ ପ୍ରଣୟନ ହୋଇଥିଲା ସେହିପରି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ସୌମ୍ୟାଶ୍ରୀଙ୍କ ପରେ ନେବାର ଯଥେଷ୍ଟ ଆବଶ୍ୟକତା ରହିଛି । ସର୍ବୋପରି ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଲୋଡା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୯ ମାର୍ଚ୍ଚ ୨୦୨୬ ରବିବାର





# ରକ୍ଷଣା ବେକ୍ଷଣ ଅଭାବରୁ ଚିଲିକା ହ୍ରଦ ଏବେ ପୋତି ହେଉଛି !

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚିଲିକା ହ୍ରଦ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ତେବେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ହ୍ରଦ କ୍ରମେ ପୋତି ହେବାରେ ଲାଗିଛି । ବିଶେଷ କରି ଶୀତ ଋତୁରେ ବିଦେଶରୁ ଲକ୍ଷ ଲକ୍ଷ ପକ୍ଷୀଙ୍କ ଆଗମନରେ ଚିଲିକାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ । ଏହାକୁ ଉପଭୋଗ କରିବା ପାଇଁ ଦୈନିକ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ । ତେବେ କ୍ରମଶଃ ବିଭିନ୍ନ କାରଣରୁ ଏହାର ଆୟତନ ହ୍ରାସ ପାଇବା ଯୋଗୁଁ ଚିଲିକା ଶ୍ରୀହିନ ହେବାରେ ଲାଗିଛି । ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ପ୍ରାୟ ୧୪୫ ଗ୍ରାମର ୩ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଚିଲିକା ଉପରେ ନିର୍ଭରଶୀଳ । ମତ୍ସ୍ୟଜୀବୀ ଚିଲିକାରେ ମାଛ ମାରି ପରିବାର ଭରଣପୋଷଣ କରିଥାନ୍ତି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ତଥା ପ୍ରଶାସନ ଉଦାସୀନତା ସହ ଅନ୍ୟ କାରଣ ଯୋଗୁଁ ଏହା ପୋତି ହୋଇଯାଉଥିବା ଦେଖାଦେଇଛି । ବିଗତ ବର୍ଷରେ ଚିଲିକାର ଆୟତନ ପ୍ରାୟ ୨୦୦୦ ବର୍ଗ କିମି ଥିବାବେଳେ ଏବେ କିନ୍ତୁ ନଳଘାସ, ନଦୀ ପାଣିର ପଟୁମାଟି ଓ ବିଭିନ୍ନ ଅଳିଆ ଆବର୍ଜନା ଯୋଗୁଁ ଏହା କାଳକ୍ରମେ ପୋତି ହୋଇ ୧୧୬୫ ବର୍ଗ କି.ମି. ପହଞ୍ଚିଛି । ଚିଲିକା ମଧ୍ୟକୁ ଶାଳିଆ, ମଲାଗୁଣି, କଂସାରି, ଦୟା, ଭାର୍ଗବୀ, ଖଇଗାଁ ବନ୍ଧ ଭଳି ୩୦ରୁ ଉର୍ଦ୍ଧ୍ୱ ନଦୀ ସଂଯୋଗ ଥିବାରୁ ବର୍ଷା ଦିନେ ବଢ଼ିପାଣି ସହ ପଟୁମାଟି ଏବଂ ଅଳିଆ ଆବର୍ଜନା ପ୍ରବେଶ କରି ଚିଲିକା ତଟରେ ଜମା ହେବା ସହ କ୍ରମେ ପୋତି ହେବାରେ ଲାଗିଛି । ଏହା ସହିତ ରାଜଦଳ, ବାଉଁଶ ଘାସ, ନଳଘାସ ଦିନକୁ ଦିନ ବୃଦ୍ଧି ପାଇ ଚିଲିକାର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ମତ୍ସ୍ୟଜୀବୀଙ୍କୁ ମାଛ ମାରିବାରେ ବାଧା ଉପୁଜିଛି । ଚିଲିକାରେ ପ୍ରାୟ ୨୨୫ ପ୍ରଜାତିର ମାଛ, ଚିଙ୍ଗୁଡି, କଙ୍କଡ଼ା ଆଦି ଦେଖାଯାଉଥିବା ସ୍ଥଳେ ଏବେ ପୋତି ହୋଇଯାଉଥିବାରୁ ମାଛ ସଂଖ୍ୟା ହ୍ରାସ ହେଉଥିବା ମତ୍ସ୍ୟଜୀବୀ କହିଛନ୍ତି । ଚିଲିକା ଚତୁଃପାର୍ଶ୍ୱର ତଟାଞ୍ଚଳରେ ଆବର୍ଜନା ଜମି ରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଚିଲିକା ଉନ୍ନୟନ ନିମନ୍ତେ ବିପୁଳ ଅନୁଦାନ ଆସୁଥିବାବେଳେ ଉପଯୁକ୍ତ ବିନିଯୋଗ ହେଉନଥିବା ଅଭିଯୋଗ ହୋଇଛି । ଚିଲିକାରୁ ପଙ୍କ ଉଦ୍ଧାର ଘୋଷଣାନାମା ଓ କାଗଜ କଲମରେ ଚାଲୁଥିବା ମତ୍ସ୍ୟଜୀବୀ ନେତା ଅଭିଯୋଗ କରିଛନ୍ତି ।

# 'ମହିଳାମାନେ ଦେଶର ସାମାଜିକ ଓ ଆର୍ଥିକ ବିକାଶର ମେରୁଦଣ୍ଡ'

**କଟକ, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ଆଇନଗତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, 'ମହିଳା ସଶକ୍ତିକରଣ' ଏବଂ 'ମାନବ ଚାଲାଣ' ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଏକ ରେଞ୍ଜ୍ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାଞ୍ଚଳ ପୋଲିସ୍ ଆଇଜି ଡଃ ସତ୍ୟଜିତ୍ ନାଏକ, ଆଇପିଏସ୍, ବିନିତ ଅଗ୍ରୱାଲ, ଆଇପିଏସ୍, କଟକ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ୍ ଅଧିକାରୀ, କ୍ଷେତ୍ର କର୍ମଚାରୀ ଏବଂ ବିଭିନ୍ନ ଅଂଶୀଦାରମାନେ ଯୋଗଦେଇ ମହିଳା ଶୋଷଣ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସମାବେଶକୁ ସମ୍ବୋଧିତ କରି ଡଃ ନାଏକ କହିଥିଲେ




ଯେ, ମହିଳା ସଶକ୍ତିକରଣ ଏବଂ ମାନବ ଚାଲାଣର ନିରାକରଣ ପରସ୍ପର ସହ ଗଭୀର ଭାବେ ଜଡ଼ିତ । ମହିଳାମାନେ ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶର ମେରୁଦଣ୍ଡ ହୋଇଥିବାବେଳେ ସେମାନେ ଏବେ ମଧ୍ୟ ଅସମାନତା, ଶିକ୍ଷାର ଅଭାବ ଏବଂ ଶାରୀରିକ ହିଂସା ଭଳି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଏହି କର୍ମଶାଳାରେ ଆଲୋଚନା ହୋଇଥିଲା ଯେ, ମାନବ ଚାଲାଣ ମାନବୀୟ ମର୍ଯ୍ୟାଦାର ଏକ ଗୁରୁତର ଉଲ୍ଲଂଘନ । ବଳପ୍ରୟୋଗ, ପ୍ରତାରଣା ବା ଜାଲିଆତି ମାଧ୍ୟମରେ ମହିଳା ଓ ଶିଶୁମାନଙ୍କୁ ଶ୍ରମିକ ଭାବେ ବ୍ୟବହାର କରିବା କିମ୍ବା ଯୌନ ନିର୍ଯାତନା ଦେବା ପାଇଁ ଚାଲାଣ କରାଯାଇଥାଏ । ଦାରିଦ୍ର୍ୟ, ବେକାରୀ ଏବଂ ଜାଲ୍ ଏଜେଣ୍ଟମାନଙ୍କ ଉପରେ ଅନ୍ଧବିଶ୍ୱାସ ଏହି ଜଘନ୍ୟ ଅପରାଧର ମୁଖ୍ୟ କାରଣ ସାଜିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ପୋଲିସ୍ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (BNS), ଅନୈତିକ ମାନବ ଚାଲାଣ (ନିବାରଣ) ଅଧିନିୟମ (ITPA) ଏବଂ ପକ୍ସୋ (POCSO) ଆଇନର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଏହି ବିପଦକୁ ପ୍ରତିହତ କରିବା ପାଇଁ ପୋଲିସ୍ ବିଭାଗ ପକ୍ଷରୁ ଆଣ୍ଟି ହ୍ୟୁମ୍ୟାନ୍ ଟ୍ରାଫିକିଂ ୟୁନିଟ୍ (AHTUs)କୁ ସଶକ୍ତ କରାଯିବା ସହ ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୧୧୨ ଏବଂ ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮କୁ ସକ୍ରିୟ କରାଯାଇଛି । ଶେଷରେ କୁହାଯାଇଥିଲା ଯେ, କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ, ଏଥିପାଇଁ ସାମାଜିକ ସହଭାଗିତା ମଧ୍ୟ ଅପରିହାର୍ଯ୍ୟ । ଶିକ୍ଷା ଏବଂ ଆର୍ଥିକ ସ୍ୱାଧୀନତା ଦ୍ୱାରା ହିଁ ପ୍ରକୃତ ସଶକ୍ତିକରଣ ସମ୍ଭବ, ଯାହା ମାନବ ଚାଲାଣ ରୋକିବାରେ ଏକ ବଡ଼ ଅସ୍ତ୍ର ସାଜିବ । କନ୍ୟା ସନ୍ତାନର ଶିକ୍ଷାକୁ ପ୍ରୋତ୍ସାହିତ କରିବା ସହ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବା ଜାଲ୍ ଏଜେଣ୍ଟଙ୍କ ବିଷୟରେ ପୋଲିସକୁ ସୂଚନା ଦେବା ପାଇଁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି । "ମାନବ ଚାଲାଣ ରୋକନ୍ତୁ, ମହିଳାଙ୍କୁ ସଶକ୍ତ କରନ୍ତୁ ଏବଂ ଏକ ସୁରକ୍ଷିତ ସମାଜ ଗଠନ କରନ୍ତୁ" – ଏହି ସଂକଳ୍ପ ସହ କଟକ ଗ୍ରାମାଞ୍ଚଳ ପୋଲିସ୍ ଏହି ଅଭିଯାନରେ ସାମିଲ୍ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛି ।

# ଢାବା ସପ୍ଲାଏର୍ ହତ୍ୟା ଘଟଣାରେ ଦୁଇ ଗିରଫ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ବାଲୁଗାଁ ପଣ୍ଡା ଢାବାରେ ମର୍ଡର ଘଟଣାର ପର୍ଦ୍ଦାଫାସ୍ କରିଛି ପୋଲିସ । ଏହି ଘଟଣାର ଦୁଇ ଜଣଙ୍କୁ ଗିରଫ କରିଛି ବାଲୁଗାଁ ପୋଲିସ । ଜଣେ ହତ୍ୟା କରିଥିଲା ଓ ଆଉ ଜଣେ ହତ୍ୟାକାରୀକୁ ସହଯୋଗ କରିଥିଲା । ମୋବାଇଲ୍ ଦେଖିବା ଘଟଣାକୁ କେନ୍ଦ୍ରକରି ହୋଇଥିଲା ହତ୍ୟାକାଣ୍ଡ । ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ଅଞ୍ଚଳରେ ଥିବା ପଣ୍ଡା ଢାବାରେ କାର୍ଯ୍ୟ କରୁଥିବା ସପ୍ଲାଏର୍‌କୁ କେହି ବେକ କାଟି ହତ୍ୟା କରିଥିଲା । ହତ୍ୟା ହେବା ପରେ ମୃତ ଦେହକୁ ଅନ୍ୟତ୍ର ଫିଙ୍ଗା ଯାଇଥିଲା । କିଏ ହତ୍ୟା କଲା ? କ'ଣ ପାଇଁ ହତ୍ୟା କଲା ? ହତ୍ୟାକାଣ୍ଡ ପଛରେ କ'ଣ ରହିଛି ରହସ୍ୟ ? ଏହି ଘଟଣାରେ କେତେ ଜଣ ସଂପୃକ୍ତ ଅଛନ୍ତି ? ଏସବୁ ପ୍ରଶ୍ନର ଖିଅକୁ ନେଇ ପୋଲିସ ତଦନ୍ତ କରିଥିଲା । ଏହି ଘଟଣାରେ ସଂପୃକ୍ତ ୨ ଜଣଙ୍କୁ ପୋଲିସ ଗିରଫ କରିଛି । ଦୁଇ ହତ୍ୟାକାରୀଙ୍କୁ ଗିରଫ କରିବା ପରେ ହତ୍ୟାକାଣ୍ଡ ଘଟଣାର ସିନ୍-ରିକ୍ରିଏସନ୍ କରିଛି ବାଲୁଗାଁ ପୋଲିସ । ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଓ ରକ୍ତ ଭିଜା ଗାମୁଛା ବାଲୁଗାଁ ପୋଲିସ ଜବତ କରିଛି । ସୂଚନା ମୁତାବକ ବାଲୁଗାଁ ପଣ୍ଡା ଢାବାରେ ସପ୍ଲାଏର୍ ଭାବେ କାମ କରୁଥିଲା ବାଣପୁର ଥାନା ଏକଡାଲିଆ ଗାଁର ଦିବ୍ୟାଙ୍ଗ ପପୁ ଦଳ ବେହେରା । ମୋବାଇଲ୍ ଦେଖିବାକୁ ନେଇ ମଙ୍ଗରାଜପୁର ଗାଁର ଶାନ୍ତନୁ ପ୍ରଧାନ ଏକ ଛୁରୀରେ ପପୁର ବେକକୁ କାଟି ହତ୍ୟା କରିଥିଲା । ପରେ ମୃତଦେହକୁ ଢ଼ାବା ଭିତରୁ ନେଇ ପଛ ପଟେ ଥିବା ବିଲ ମଧ୍ୟରେ ଫିଙ୍ଗିଦେଇଥିଲା । ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଓ ରକ୍ତଭିଜା ଗାମୁଛାକୁ ଲୁଚାଇ ରଖିବାରେ ସହଯୋଗ କରିଥିଲା ଢାବା ମାଲିକ ତଥା ସ୍ଥାନୀୟ ବିଧାରପୁର ଗାଁର ମନୋରଞ୍ଜନ ବେହେରା ।



# ଫେଣା ମହୁ ଉତ୍ପାଦନ ନିମନ୍ତେ ଚାଷୀଙ୍କ ଦକ୍ଷତା ବୃଦ୍ଧି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରରେ ସର୍ବଭାରତୀୟ ସଂଯୋଜିତ ମହୁମାଛି, ଗରାଖ ସଂଗମକାରୀ କୀଟ ପ୍ରକଳ୍ପ, ଓୟୁଏଟି ଓ କେନ୍ଦ୍ରାପଡାର କୃଷିବିଜ୍ଞାନ କେନ୍ଦ୍ରର ମିଳିତ ପ୍ରୟାସରେ ଏକ ଦୁଇ ଦିନିଆ ଫେଣା ମହୁର ଉତ୍ପାଦନ କୌଶଳ ଏବଂ ଚାଷୀଙ୍କ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୦ଜଣ ଅଗ୍ରଣୀ ମହୁଚାଷୀ ଅଂଶଗ୍ରହଣ କରିଥିଲେ । ଏହି ତାଲିମ୍ କାର୍ଯ୍ୟକ୍ରମରେ ଶୁଦ୍ଧ ମହୁର ଗୁଣବତ୍ତା ଯଥା ଏହାର ଔଷଧୀୟ ଗୁଣବତ୍ତା ଓ ଚାହିଦା ସମ୍ବନ୍ଧରେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ପ୍ରଫେସର ଚିତ୍ତରଞ୍ଜନ ଶତପଥି ଆଲୋକପାତ କରିଥିଲେ । ପ୍ରକଳ୍ପର ମୁଖ୍ୟ ଡକ୍ଟର ପ୍ରଭାସିନୀ ବେହେରା ଫେଣା ମହୁର ପ୍ୟାକେଜିଂ ଓ ଆନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ଥିବାରୁ ଚାଷୀଙ୍କ ଆର୍ଥିକ ବୃଦ୍ଧି ପାଇଁ ଏହାର ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ଦେଇଥିଲେ । ଆୟୋଜିତ ଏହି ତାଲିମ୍ ଶିବିରରେ କେବିକେର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡକ୍ଟର ସସ୍ମିତା ମହାନ୍ତି, ମହୁଚାଷୀ ମଧ୍ୟରେ ମହୁର ପ୍ରସାର ଓ ଆୟବୃଦ୍ଧି ନିମନ୍ତେ ଆହ୍ୱାନ୍ ଦେଇଥିଲେ । ପ୍ରକଳ୍ପର ବୈଜ୍ଞାନିକ ଉତ୍ତମ କୁମାର ବେହେରା, କୃଷିବିଜ୍ଞାନ କେନ୍ଦ୍ରର ଶସ୍ୟ ସଂରକ୍ଷତର ବୈଜ୍ଞାନିକ ଡକ୍ଟର ଗାୟତ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ମହୁ ମାଛି ବୈଷୟିକ ସହାୟକ ଯୁଧିଷ୍ଠିର ସ୍ୱାଇଁ, ପୀତବାସ ରାଉତ ସହଯୋଗ କରିଥିଲେ ।

# ସଡ଼କ ସୁରକ୍ଷା ଓ ଦୁର୍ଘଟଣା ନିରାକରଣ ଉପରେ ଗୁରୁତ୍ୱ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହରେ ସଡକ ସୁରକ୍ଷାର ପ୍ରତିକାର ବିଷୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟମାନଙ୍କୁ ନେଇ ଆଲୋଚନାଚକ୍ର ଆୟୋଜନ ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ଜେ ସୋନାଲ୍ ପୌରୋହିତ୍ୟ କରିଥିଲେ । ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ପାରାଦ୍ୱୀପ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜଗତସିଂହପୁର ପୌର ନିର୍ବାହୀ ଅଧିକାରିଣୀ ସିମା ଜେନା ଯୋଗଦେଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ଯୋଗଦେଇ ଦୁର୍ଘଟଣାକୁ ହ୍ରାସ କରିବାକୁ ଗଠନମୂଳକ ଭାବରେ



ମନ୍ତବ୍ୟ ଉତ୍ଥାପନ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ପୀଡ଼ିତ ଲୋକଙ୍କ ପାଇଁ ପିଏମ୍ ରାହାତ ଯୋଜନାର ସବିଶେଷ ବିବରଣୀ ଦେଇଥିଲେ ଏବଂ ଜାତୀୟ ରାଜପଥ ୫୫ ରାସ୍ତା ମରାମତିକୁ ତ୍ୱରାନ୍ୱିତ କରିବା, ଦୁର୍ଘଟଣା ସ୍ଥାନ ରାସ୍ତାରେ ଉପଯୁକ୍ତ ସଙ୍କେତ ଲଗାଇବା, ଗ୍ରାମିଣ ରାସ୍ତାରୁ ମୁଖ୍ୟ ରାସ୍ତା ସଂଯୋଗ ସ୍ଥଳେ ହମ୍ପ ସ୍ଥାପନ କରିବା । ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କଡ଼ାକଡ଼ି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସଂପ୍ରତି ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଗଠନ ମୂଳକ ମତାମତ ଦେଇଥିଲେ । ଏଥିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

# ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗ୍ରାମ ସଫେଇ କାର୍ଯ୍ୟକ୍ରମ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କର ସହାୟତାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଫୁଲକିମୁଣ୍ଡା ଆନୁକୁଲ୍ୟରେ ୨୬ ତାରିଖ ଗୁରୁବାର ଦିନ ପୂର୍ବାହ୍ନ ୧୦ଟା ସମୟରେ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନନ୍ଦଲାଲ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗ୍ରାମ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ । ପ୍ରଥମେ ବିଦ୍ୟାଳୟ ପରିସରରେ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଶ ସମ୍ବନ୍ଧୀୟ ଶପଥ ପାଠ ଉତ୍ସବ କରାଯାଇଥିଲା । ତାସହ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ହେବାଦ୍ୱାରା ଗ୍ରାମର ପରିବେଶ ବେଶ୍ ସରସ ସୁନ୍ଦର ହେବା ସହିତ ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସଭାପତି ନନ୍ଦଲାଲ ମାଝୀ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅମର ସିଂ ମାଝୀ, ସହଦେବ କୁମାର ପତି, ଅତଶି ସାହୁ, ଗୋପୀ କୃଷ୍ଣ ଦଲାଇ, ନୀଳିମା କୁମାରୀ ମିଶ୍ର, ଭୁବନେଶ୍ୱର ତ୍ରିପାଠୀ, ଗଗନ କୁମାର ସାହୁ ଓ ଶିକ୍ଷା କର୍ମଚାରୀ ଡିଲେଶ୍ୱର ମେହେର, ଜଗବନ୍ଧୁ ବେହେରା, ଲିଙ୍ଗରାଜ ମାଝୀ, ଦିନବନ୍ଧୁ ଚାରବେମାଲ ପ୍ରମୁଖ ସହଯୋଗ କରିଥିଲେ ।




# ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ଗୋଟିଏ ପରିବାରର ୩ ଗୁରୁତର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ପାଳିଆବିନ୍ଧା ପଞ୍ଚାୟତ ଅଧୀନ ପାଳିଆ ଶାସନ ଗ୍ରାମରେ ଗୁରୁବାର ରାତିରେ ଗ୍ୟାସ୍ ସିଲିଣ୍ଡର କ୍ୟାପ୍ ଖୋଲି ନିଆଁ ଲାଗିଯିବାରୁ ଗୋଟିଏ ପରିବାରର ୩ ଜଣ ଗୁରୁତର ହୋଇଛନ୍ତି । ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଥିବା ଭାର୍ଗବୀ ଶତପଥି (୪୦), ତାଙ୍କ ସ୍ୱାମୀ ଉଦୟ ନାରାୟଣ ଶତପଥି (୪୫) ଏବଂ ନାବାଳିକା ଝିଅ ସ୍ନେହାଞ୍ଜଳି (୧୪) ଏବେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ରାତିରେ ଭାର୍ଗବୀ ଗ୍ୟାସ୍ ଯୋଗେ ରୋଷେଇ କରୁଥିଲେ । ସିଲିଣ୍ଡର କ୍ୟାପ୍ ଆକସ୍ମିକ ଭାବେ ବାହାରି ପଡ଼ିବାରୁ ଜୋର୍‌ରେ ଗ୍ୟାସ୍ ବାହାରି ନିଆଁ ଲାଗିଯାଇଥିଲା । ଗ୍ୟାସ୍‌ରୁ ଭାର୍ଗବୀଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ଚିତ୍କାର କରିଥିଲେ । ପାଟି ଶୁଣି ତାଙ୍କ ସ୍ୱାମୀ ଓ ଝିଅ ଆସି ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କଲାବେଳେ ତାଙ୍କ ଦେହରେ ମଧ୍ୟ ନିଆଁ ଲାଗିଯାଇଥିଲା । ଯାହାଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ନିଆଯାଇଥିବା ଜଣାଯାଇଛି । ଖବରପାଇ ଜୀବନଜ୍ୟୋତି ସଂଗଠନର ଜ୍ୟୋତିର୍ମୟ ପାଣ୍ଡବ, ଗୋପବନ୍ଧୁ ସେବାଜ ସେନାର ସଭାପତି ରାଜୀବ ନାୟକ, ଅଭିରାମ ଦାସ, ବିରେନ ସେନାପତି, ଉତ୍କଳମଣି ସେବାସଂଘର ବିସ୍ମୟ ବିହାରୀ ସାହୁ ଡାକ୍ତରଖାନାରେ ପହଞ୍ଚି ଗୁରୁତର ମାନଙ୍କୁ ଚିକିତ୍ସାରେ ସହାୟତା କରିଥିଲେ ।

# ଘରୋଇ ହିଂସା ବିରୋଧରେ ମହିଳା ଆୟୋଗଙ୍କ ଜନଶୁଣାଣି

**କେନ୍ଦୁଝର, ନ୍ୟୁଜ୍**

ମହିଳାଙ୍କ ବିରୁଦ୍ଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ ନିର୍ଯାତନା, ସମ୍ପତ୍ତି ବିବାଦ, କାର୍ଯ୍ୟାସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନ ୧ଟା ସମୟରେ କେନ୍ଦୁଝର ଏବଂ ଦେବଗଡ ଜିଲ୍ଲା ସକାଶେ ଦରବାର ହଲ୍, କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଛି । ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷାତାରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୩୪ ଗୋଟି



ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ, ସେଥିମଧ୍ୟରୁ ମୋଟ୍ ୧୩ ଗୋଟି ମାମଲାରେ ଜନ ଶୁଣାଣି କାର୍ଯ୍ୟକ୍ରମରେ ପକ୍ଷମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି ହୋଇ, ୭ ଗୋଟି ମାମଲାର ଫଏସଲା ହୋଇଥିବା ବେଳେ, ୩ ଗୋଟି ମାମଲାକୁ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ୧ ଗୋଟି ମାମଲାରେ ଅନ୍ୟ କର୍ତ୍ତୃପକ୍ଷକୁ ପ୍ରେରଣ କରାଯାଇଥିଲା । ଅନ୍ୟ ୨ଗୋଟି ମାମଲାରେ ପକ୍ଷମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ନିମନ୍ତେ ନୋଟିସ୍ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା । ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ କେନ୍ଦୁଝର ଓ ଦେବଗଡ ଜିଲ୍ଲର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ମାମଲା ଗୁଡିକରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଦାଖଲ କରିଥିଲେ । ସେହିପରି ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୮ ଗୋଟି ନୂତନ ମାମଲାର ପଞ୍ଜିକରଣ ମଧ୍ୟ ହୋଇଥିଲା । ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ଆୟୋଗର ସଦସ୍ୟା ପ୍ରତିଭା ଶତପଥୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଦେବଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଅତିରିକ୍ତ ଉପ-ଆରକ୍ଷୀ ଅଧିକ୍ଷିକା ପୂଜା ଧାମ, କେନ୍ଦୁଝର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାସ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ତ୍ତୃପକ୍ଷ ତରଫରୁ ଅକ୍ଷୟ କୁମାର ଚକ୍ର, କେନ୍ଦୁଝର ପରିବାର ପରାମର୍ଶ କେନ୍ଦ୍ରର କାଉନ୍‌ସେଲର ଜୟଶ୍ରୀ ଦାଶ ଏବଂ ବିନୋଦ ବିହାରୀ ରାଉତ ପ୍ରମୁଖ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସାହାଯ୍ୟ ଓ ସହଯୋଗ କରିଥିଲେ । ସେହିପରି ମହିଳା ଆୟୋଗର ଆଇନ୍ ସହାୟକ ଅରବିନ୍ଦ ପଟ୍ଟନାୟକ, ଦୁଇଜଣ କାଉନ୍‌ସେଲର ବନ୍ଦନା ମହାନ୍ତି, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତ୍ତରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ରାଉତ ଏବଂ ରାମଚନ୍ଦ୍ର ବେହେରା ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

# କଟକ ଜିଲ୍ଲାରେ ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ୍

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାରେ ଘରୋଇ ଏବଂ ବାଣିଜ୍ୟିକ ଉପଭୋକ୍ତାଙ୍କ ପାଇଁ ରନ୍ଧନ ଗ୍ୟାସ୍ (LPG) ଯୋଗାଣ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ରହିଛି ଏବଂ କୌଣସି ପ୍ରକାରର ଅଭାବନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଗ୍ୟାସ୍ ଅଭାବ ନେଇ ଚାଲିଥିବା ଗୁଜବକୁ ବିଶ୍ୱାସ ନକରିବାକୁ କୁହାଯାଇଛି । ସମସ୍ତ ଗ୍ରାହକଙ୍କୁ ସମୟ ଅନୁସାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯାଉଛି । ସହରାଞ୍ଚଳରେ ଗ୍ରାହକମାନେ ଗୋଟିଏ ସିଲିଣ୍ଡର ପାଇବା ପରେ ୨୫ ଦିନ ଅତିକ୍ରମ ହେଲେ ପୁନର୍ବାର ବୁକିଂ କରିପାରୁଛନ୍ତି । ସେହିପରି ଗ୍ରାମାଞ୍ଚଳରେ ଏହି ସମୟସୀମା ୪୫ ଦିନ ଧରାଯାଇଛି । ଏହାଦ୍ୱାରା ସମସ୍ତ ଉପଭୋକ୍ତାଙ୍କ ମଧ୍ୟରେ ବଣ୍ଟନ ପ୍ରକ୍ରିୟା ଯଥାର୍ଥ ହେଉଛି । ଘରୋଇ ବ୍ୟବହାର ସହିତ, ହୋଟେଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକୁ ମଧ୍ୟ ଆବଶ୍ୟକ ପରିମାଣରେ ଗ୍ୟାସ୍ ଯୋଗାଣ ହେଉଛି । ବିଶେଷକରି ହସ୍ପିଟାଲ୍, ଛାତ୍ରାବାସ, ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି/ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ଏବଂ ଗ୍ୟାସ୍ ଅଭାବ ଯୋଗୁ କୌଣସି ବାଧା ସୃଷ୍ଟି ହୋଇନାହିଁ । ଆବଶ୍ୟକତା ଅନୁଯାୟୀ ସମସ୍ତ ସଂସ୍ଥାକୁ ଠିକ୍ ସମୟରେ ଗ୍ୟାସ୍ ଯୋଗାଇ ଦିଆଯାଉଛି । ପ୍ରଶାସନ ଏହା ସହିତ ଗ୍ୟାସ୍ ବିତରଣ ବ୍ୟବସ୍ଥା ଉପରେ କଡା ନଜର ରଖିଛି । କେହି ଯେପରି ଅତିରିକ୍ତ ସିଲିଣ୍ଡର ମହଜୁଦ କରି କୃତ୍ରିମ ଅଭାବ ସୃଷ୍ଟି ନକରନ୍ତି ସେଥିପାଇଁ ବିଭିନ୍ନ ସ୍ଥାନରେ ଚଢଉ ଚାଲିଛି । ଏଥିପାଇଁ ଅଧିକାରୀମାନଙ୍କ ସହ ସମୟ ସମୟରେ ବୈଠକ କରାଯାଇ ପରିସ୍ଥିତିର ଆଲୋଚନା କରାଯାଉଛି । ଏହା ସହିତ, ଗ୍ୟାସ୍‌ର କଳାବଜାରୀ ଓ ଅବୈଧ ଭାବେ ରିପ୍ୟାକେଜିଂ କରି ବିକ୍ରୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଏପରି କାର୍ଯ୍ୟକଳାପ ଉପରେ ବିଶେଷ ନଜର ରଖାଯାଉଛି ଏବଂ ଦୋଷୀ ସାବ୍ୟସ୍ତ ହେଲେ ଆଇନ୍ ଅନୁସାରେ କଠୋର ପଦକ୍ଷେପ ନିଆଯିବ । ଜିଲ୍ଲା ପ୍ରଶାସନ ଗ୍ରାହକମାନଙ୍କୁ ଅନାବଶ୍ୟକ ଭାବେ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ ନକରିବାକୁ ଓ ଯୋଗାଣ ତଥା ବୁକିଙ୍ଗ ବାବଦରେ କୌଣସି ଗୁଜବରେ ବିଶ୍ୱାସ ନକରିବାକୁ ଅନୁରୋଧ କରିଛି ।



# ପ୍ରଭୁ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ନିତ୍ୟ ଯୋଗ କକ୍ଷରେ ଶ୍ରୀରାମ ନବମୀ ମହା ସମାରୋହରେ ପାଳିତ ହୋଇଯାଇଛି । ପତଞ୍ଜଳି ପରିବାର ଭାରତ ସ୍ୱାଭିମାନ ନ୍ୟାସର ଯାଜପୁର ଜିଲ୍ଲା ଶାଖା ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଆଦର୍ଶ ଯୋଗ କକ୍ଷର ବରିଷ୍ଠ ଯୋଗ ଶିକ୍ଷକ ବଟକୃଷ୍ଣ ପ୍ରଧାନ, ନିତ୍ୟ ଯୋଗ କକ୍ଷର ଯୋଗଶିକ୍ଷକ ତଥା ଭାରତ ସ୍ୱାଭିମାନ ନ୍ୟାସର ଯାଜପୁର ଜିଲ୍ଲା ପ୍ରଭାରୀ ବିବେକାନନ୍ଦ ଜେନା ଓ ସହ ପ୍ରଭାରୀ ବିଭୀଷଣ ନାୟକ କୋଷାଧ୍ୟକ୍ଷ ମହେଶ୍ୱର ପ୍ରଧାନ, ତହସିଲ ପ୍ରଭାରୀ କ୍ୟାପ୍‌ଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସହପ୍ରଭାରୀ ସମରେନ୍ଦ୍ର ଜେନା ପ୍ରମୁଖ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ସମସ୍ତେ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ । ବରିଷ୍ଠ ଯୋଗୀ ଅବସର ପ୍ରାପ୍ତ ପ୍ରାକ୍ତନ ଅଧ୍ୟକ୍ଷ ସୌରଭମୟ ଦାସ, ପ୍ରାଧ୍ୟାପିକା ପୁନ ପୁନ ଦାଶ, ପ୍ରାଧ୍ୟାପକ କାମଦେବ ଦାସ, ସୁବ୍ରତ କୁମାର ଜେନା, ତାପଶ କୁମାର ଚୌଧୁରୀ, ବସନ୍ତ କୁମାର ଚୌଧୁରୀ, ରାସବିହାରୀ ପାତ୍ର, ଜ୍ଞାନରଞ୍ଜନ ରାଉତ, ବରିଷ୍ଠ ଯୋଗିନୀ ପ୍ରମୋଦିନୀ ଦାସ, ସୁମିତା ଚୌଧୁରୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଏକ ନବକୁଣ୍ଡୀୟ ମହାଯଜ୍ଞର ଆୟୋଜନ କରାଯାଇଥିଲା । ଦେବେନ୍ଦ୍ରନାଥ ପାଣିଗ୍ରାହୀ ମହାଯଜ୍ଞର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ରାଜ ରାସ୍ତାକୁ ଅବରୋଧ କଲେ ହାତୀପଲ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ମଣିଷ ବିକାଶନ ନାମରେ ବିନାଶ ଆଡ଼କୁ ଗତି କରୁଥିବା ପରି ମନେହୁଏ । ଯାହା ପାଇଁ ମଣିଷ ଦିନକୁ ଦିନ ଜଙ୍ଗଲ କାଟି ପଦା କରିବାରେ ଲାଗିଥିବା ବେଳେ ଏବେ ଜଙ୍ଗଲି ଜୀବଜନ୍ତୁ ଗ୍ରାମ ଓ ସହରାଭିମୁଖୀ ହୋଇଛନ୍ତି । ଯାହାଫଳରେ ମଣିଷ ଓ ଜଙ୍ଗଲି ଜୀବଜନ୍ତୁ ମାନଙ୍କ ମଧ୍ୟରେ ଏକ ପ୍ରକାରର ପ୍ରତିଯୋଗୀତା ଆରମ୍ଭ ହୋଇଥିବା ମନେହୁଏ । ସେହିଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତରେ । କେନ୍ଦୁଝର ଜିଲ୍ଲା କେନ୍ଦୁଝର ବନଖଣ୍ଡ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜାତୀୟ ରାଜପଥ ୫୨୦ ବଡ଼ବିଲ ରେଞ୍ଜର ରଣାଶାଳ ଘାଟି ନିକଟରେ ରାସ୍ତା ଅବରୋଧ କଲେ ୭ ଟିକିଆ ହାତୀପଲ । ବଡ଼ବିଲ ରେଞ୍ଜ ବିଲେଇପଦା ସେକ୍ସନ୍ ରଣାଶାଳ ଘାଟିରେ ଜାତୀୟ ରାଜପଥକୁ ୭ ଟିକିଆ ହାତୀ ପଲ ଅବରୋଧ କରିଥିବାର ଅଭାବନୀୟ ଦୃଶ୍ୟ ସାମ୍ନାକୁ ଆସିଛି । ଏହି ହାତୀ ପଲ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରୁ ବାହାରି ଠାକୁରାଣୀ ଜଙ୍ଗଲକୁ ଯାଉଥିବା ସମୟରେ ରାଜରାସ୍ତାକୁ କିଛି ସମୟ ପାଇଁ ଅବରୋଧ କରି ରଖିଥିବା ଦେଖିବାକୁ ମିଳିଥିଲା । କିଛି ସମୟ ଧରି ରାସ୍ତା ଅବରୋଧ ପରେ ହାତୀ ପଲ ଜଙ୍ଗଲ ଭିତରକୁ ପଳାଇ ଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଘଟଣା ସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀ ପଲକୁ ଟ୍ରାକ୍ କରିଥିବା ନେଇ ସୂଚନା ରହିଛି ।

# ନକଲି ସାର୍ଟିଫିକେଟ୍‌ରେ ଚାକିରି:୨୭ ବର୍ଷ ପରେ ଶିକ୍ଷକଙ୍କ ନାଁରେ ଏତଲା

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନକଲି ସାର୍ଟିଫିକେଟ୍‌ରେ ଚାକରି କରିବା ଶିକ୍ଷକଙ୍କୁ ମହଙ୍ଗା ପଡିଛି । ବର୍ଷେ କି ୨ ବର୍ଷ ନୁହେଁ ୨୭ ବର୍ଷ ପରେ ଧରାପଡିଛନ୍ତି ଶିକ୍ଷକ । ତାଙ୍କ ନାଁରେ ଉମରକୋଟ ଥନାରେ ବିଇଓ ଈଶ୍ୱର ମାଝୀ ଏତଲା ଦେଇଛନ୍ତି । ବିଇଓ ଶ୍ରୀ ମାଝୀ କହିଛନ୍ତି, କୁର୍ସି ଗାଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସନଧର ମାଝୀ ଯୁକ୍ତ ୨ କଳାର ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରୁଥିଲେ । ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ତାଙ୍କ ସାର୍ଟିଫିକେଟ୍ ଯାଞ୍ଚ ପାଇଁ ବୋର୍ଡକୁ ପଠାଯାଇଥିଲା । ବୋର୍ଡ ପକ୍ଷରୁ ସାର୍ଟିଫିକେଟ୍ ଯାଞ୍ଚ କରି ତାହା ନକଲି ବୋଲି ସ୍ପଷ୍ଟ କରାଯିବା ପରେ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ତାଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଛି । ସେ ଦୀର୍ଘ ୨୭ ବର୍ଷ ଧରି ନକଲି ସାର୍ଟିଫିକେଟ୍‌ରେ ଚାକିରି କରୁଥିଲେ ବୋଲି ବିଇଓ ସ୍ପଷ୍ଟ କରିଛନ୍ତି । ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗଙ୍କୁ ଯୋଗାଯୋଗ କରିବାରୁ ଏତଲାକୁ ସ୍ୱୀକାର କରିଛନ୍ତି । ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି ।

# ଭଗବାନଙ୍କ ଭରସାରେ ଏବେ କୋରାପୁଟ ଜିଲ୍ଲାର ମାଳମାଳ ଜଳସେଚନ ପ୍ରକଳ୍ପ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଖୋଲା ମେଲାରେ ଅସୁରକ୍ଷିତ ଅବସ୍ଥାରେ କୋରାପୁଟ ଜିଲ୍ଲାର ମାଳମାଳ ଡ୍ୟାମ୍ ଅଞ୍ଚଳ । ବିପଦରେ ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ବାସିନ୍ଦାଙ୍କ ଜୀବନ । ରୋଜଗାରରୁ ବଞ୍ଚିତ ଶହ ଶହ ସୁରକ୍ଷା କର୍ମୀ । ଭଗବାନ ଭରସାରେ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ । କୋରାପୁଟ ଜିଲ୍ଲାରେ ରହିଥିବା ବିଶାଳ ତିନୋଟି ଜଳସେଚନ ପ୍ରକଳ୍ପ ଓ ବିଦ୍ୟୁତ ପ୍ରକଳ୍ପ ରହିଛି । କୋଲାବ, ସତିଗୁଡା, ତେଲେଙ୍ଗିରି ପ୍ରକଳ୍ପ । ବର୍ତ୍ତମାନ ଟେଣ୍ଡର ଅବଧି ସରିବା ପରେ ସୁରକ୍ଷା କର୍ମୀଙ୍କୁ ପ୍ରତ୍ୟାହାର କରିନିଆଯାଇଛି । ଦୀର୍ଘ ଦିନ ହେଲା ଖୋଲାମେଲାରେ ରହିଛି ଏହି ସମସ୍ତ ଡ୍ୟାମ୍ । ଏଥିଯୋଗୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଅଞ୍ଚଳରେ ଅସାମାଜିକଙ୍କ ଆଡ୍ଡା ଜମୁଛି । ଡ୍ୟାମ୍ ଦେଇ ରାତିରେ ଯିବାଆସିବା କରିବାକୁ ଲୋକେ ଭୟ କରୁଛନ୍ତି । ତା'ସହିତ ବର୍ତ୍ତମାନର ରକ୍ଷଣ ବେକ୍ଷଣ ଅଭାବରୁ ପର୍ଯ୍ୟଟକଙ୍କ ପାଇଁ କରାଯାଇଥିବା ସମସ୍ତ ଯୋଜନା ଏବେ ଖତ ଖାଉଛି । କେଉଁଠି ଘାସ ଲଟା ତ ଆଉ କେଉଁଠି ୱାଚ୍ ଟାୱାର୍‌ର ଲାଇଟ୍ ଝୁଲା ଅବସ୍ଥାରେ ରହିଛି । ଖାଲି ଏତିକି ନୁହେଁ ବର୍ତ୍ତମାନ ଏହି ୩ଟି ଯାକ ପ୍ରକଳ୍ପରେ ସୁରକ୍ଷାରେ ନିୟୋଜିତ ଥିବା ପ୍ରାୟ ୬୦ରୁ ଅଧିକା କର୍ମଚାରୀ ଏବେ ରୋଜଗାର ହରାଇ ଦିଗହରା ହୋଇ ରହିଛନ୍ତି । ଖାଲି ଏତିକି ନୁହେଁ ବର୍ତ୍ତମାନ ବିଶାଳ ଜଳ ଭଣ୍ଡାରରେ ଦୁର୍ଘଟଣାର ଭୟ ସହିତ କୋଟି କୋଟି ଟଙ୍କାର ଯନ୍ତ୍ରାଂଶ ବି ଚୋରି ହୋଇଯିବାର ଭୟ ରହିଛି । ଯଦି ଆଗାମୀ ଦିନରେ ଏଠି କୌଣସି ଘଟଣା ଦୁର୍ଘଟଣାକୁ ଏଡାଇ ଦିଆଯାଇନପାରେ । ଅନ୍ୟପଟେ ଦେଖିବାକୁ ଗଲେ ସମସ୍ତ ପ୍ରକଳ୍ପର ଦାୟିତ୍ୱରେ ଥିବା ଅଧିକାରୀ କୋଲାବ ମୁଖ୍ୟ ଯନ୍ତ୍ରୀ କହିଛନ୍ତି ଯେ, ଏହି ସବୁ ପ୍ରକଳ୍ପର ସୁରକ୍ଷା ଯୋଗାଇଦେବା ପାଇଁ ପ୍ରତିବର୍ଷ ଟେଣ୍ଡର ଆହ୍ୱାନ୍ କରାଯାଉଛି ଓ ଯେଉଁ ସଂସ୍ଥା ଏହି ଟେଣ୍ଡର ପାଉଛି ସେହି ସଂସ୍ଥା ସୁରକ୍ଷା ପାଇଁ କର୍ମଚାରୀ ଯୋଗାଉଛି । ବର୍ତ୍ତମାନ ତାହାର ଅବଧି ସରିଯାଇଛି ଆଉ ବର୍ତ୍ତମାନ ସରକାରଙ୍କ ଫାଇନାନ୍ସ ଡିପାର୍ଟମେଣ୍ଟ ତରଫରୁ ଆମକୁ ନିର୍ଦ୍ଦେଶ ଦିଆଯାଇଛି କି ଯଦି ଆଗାମୀ ଦିନରେ କୌଣସି ପ୍ରକାର ସୁରକ୍ଷା ଯୋଗାଉଥିବା ସଂସ୍ଥାକୁ ସୁରକ୍ଷା ବାବଦକୁ ଟେଣ୍ଡର ଆହ୍ୱାନ୍ କରାଯାଏ ତେବେ ତା' ପୂର୍ବରୁ ଅନୁମତି ନେବେ ଯଦି ଅନୁମତି ମିଳିବ ତେବେ ଆପଣ ଟେଣ୍ଡର ଆହ୍ୱାନ୍ କରିବେ । ଏଥିରେ ଜଳସେଚନ ବିଭାଗର କୌଣସି ଭୂମିକା ନାହିଁ, ସରକାର ଦେଲେ ଆମେ ଦେବୁ ଆଉ ଆମେ କାହାକୁ ବାହାର କରିନୁ ସମସ୍ତ ସୁରକ୍ଷା କର୍ମଚାରୀଙ୍କୁ ତାଙ୍କ ସଂସ୍ଥା ବାହାର କରିଛି । ବର୍ତ୍ତମାନ ଆମର ଅନ୍ୟ କର୍ମଚାରୀଙ୍କୁ ଆମେ ନେଇ ଆମ କାମ ଚଲାଉଛୁ । ବର୍ତ୍ତମାନ ସବୁଠାରୁ ବଡକଥା କି ଆଉ କେତେଦିନ ଏମିତି ଅସୁରକ୍ଷିତ ଅବସ୍ଥାରେ ପଡି ରହିବ ଏହି ସବୁ ପ୍ରକଳ୍ପ ଆଉ କେତେଦିନ ନିଜ ପେଟପାଟଣାରୁ ବଞ୍ଚିତ ରହିବେ ସୁରକ୍ଷା କର୍ମୀ । ତୁରନ୍ତ ସରକାର ପଦକ୍ଷେପ ନେବା ପାଇଁ ଦାବି ହୋଇଛି ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୯ ମାର୍ଚ୍ଚ, ରବିବାର, ୨୦୨୬


# ଉଦଘାଟନୀ ମ୍ୟାଚରେ ବାଜି ମାରିଲା ଆରସିବି
## ବିଜୟରୁ ଡିଫେଣ୍ଡିଂ ଚାମ୍ପିଅନର ଅଭିଯାନ ଆରମ୍ଭ

**ବେଙ୍ଗାଲୁରୁ**

ଆଇପିଏଲ୍ ୨୦୨୬ର ଉଦଘାଟନୀ ମ୍ୟାଚରେ ବାଜି ମାରିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ହାଇସ୍କୋରିଂ ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ)କୁ ୬ ୱିକେଟରେ ସହଜରେ ହରାଇଛି ଆରସିବି। ଏହା ସହିତ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି ଡିଫେଣ୍ଡିଂ ଚାମ୍ପିଅନ। ହାଇଦ୍ରାବାଦ ଦ୍ୱାରା ଧାର୍ଯ୍ୟ ୨୦୨ ରନର ବିଜୟ ଲକ୍ଷ୍ୟକୁ ଆରସିବି ୧୮ ଓଭରରେ ୪ ୱିକେଟ୍ ହରାଇ ହାସଲ କରି ନେଇଛି। ଦେବଦତ୍ତ ପାଡିକଲ ୬୧ ରନର ବିସ୍ଫୋରକ ଇନିଂସ ଖେଳିଥିବା ବେଳେ ବିରାଟ କୋହଲି




୬୯ ରନରେ ଅପରାଜିତ ରହି ଦଳକୁ ଜିତାଇଛନ୍ତି। ରଜତ ପାଟିଦାର ୧୨ ବଲରୁ ୩୧ ରନ କରିଥିଲେ। ଏହା ପୂର୍ବରୁ ଇଶାନ କିଶନଙ୍କ ୮୦ ରନ ବଳରେ ଏସଆରଏଚ ୯ ୱିକେଟ୍ ହରାଇ ୨୦୧ ରନ କରିଥିଲା।

# ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ କଟକଣା ହଟିବ !




**ଢାକା**

ବାଂଲାଦେଶରେ ନୂଆ ସରକାର ଆସିବା ପରେ ଭାରତ ସହ ସମ୍ପର୍କରେ ଉନ୍ନତି ଆସିବାରେ ଲାଗିଛି। ଏହାର ପ୍ରଭାବ କ୍ରିକେଟ୍ ଉପରେ ବି ପଡ଼ିଛି। ପୂର୍ବବର୍ତ୍ତୀ ୟୁନୁସ୍ ସରକାର ଆଇପିଏଲ୍ ପ୍ରସାରଣ ଉପରେ ରୋକ୍ ଲଗାଇଥିବାବେଳେ ନୂଆ ସରକାର ତାହାକୁ ପ୍ରତ୍ୟାହାର କରିବାକୁ ସଂକେତ ଦେଇଛନ୍ତି। ଏପର୍ଯ୍ୟନ୍ତ ଏହି କଟକଣା ପ୍ରତ୍ୟାହାର ହୋଇନଥିଲେ ବି ପ୍ରସାରଣକାରୀ ସଂସ୍ଥା ଆବେଦନ କଲେ ସକାରାତ୍ମକ ଆଭିମୁଖ୍ୟ ସହ ତାହାର ବିଚାର କରାଯିବ ବୋଲି ବାଂଲାଦେଶର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୂଚନା ଦେଇଛି।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଜାହିର ଉଦ୍ଦିନ ସ୍ୱପନ୍ କହିଛନ୍ତି ଯେ ତାଙ୍କ ସରକାର କ୍ରିକେଟ୍ ସହ ରାଜନୀତିକୁ ମିଶ୍ରଣ କରନ୍ତି ନାହିଁ। ଯଦି କୌଣସି ଟେଲିଭିଜନ ଚ୍ୟାନେଲ୍ ଆଇପିଏଲ୍ ପ୍ରସାରଣ ପାଇଁ ଅନୁମତି ପାଇଁ ଆବେଦନ କରେ ତେବେ ସକାରାତ୍ମକ ଦୃଷ୍ଟିକୋଣରୁ ତାହାର ବିଚାର କରାଯିବ। ସେ ସ୍ପଷ୍ଟ କରିଛନ୍ତି ଯେ ଏବେ ବି ଏହି କଟକଣା ଲାଗୁ ରହିଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ ସତ୍ୟତା ନାହିଁ। ତେବେ ଆଇପିଏଲ୍ ପ୍ରସାରଣ ସଂକ୍ରାନ୍ତରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟର ମତାମତ ଲୋଡ଼ାଯାଇଛି। ସେମାନଙ୍କ ପରାମର୍ଶ ଓ ମତାମତ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଗତ ଜାନୁଆରୀ ମାସରେ କେକେଆର୍ ପକ୍ଷରୁ ବାଂଲାଦେଶୀ ଖେଳାଳି ମୁସ୍ତାଫିଜୁର୍ ରେହମାନଙ୍କୁ ବିଦା କରାଯିବା ପରେ ଦୁଇ ଦେଶ କ୍ରିକେଟ୍ ସମ୍ପର୍କ ଖରାପ ହୋଇଥିଲା। ଏହା ପରେ ବାଂଲାଦେଶ ଦଳ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବାକୁ ମନା କରିଥିଲା ଓ ସେଠାରେ ଆଇପିଏଲ୍ ପ୍ରସାରଣ ଉପରେ କଟକଣା ଲଗାଇଥିଲା।

# ସଂଗ୍ରାମୀ ସ୍ମାରକୀ ପୀଠରେ ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି



**ରମ୍ଭା : ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ସଂଗ୍ରାମୀ ସ୍ମାରକୀ ପୀଠ, ପି. ଏମ. ଶ୍ରୀ. ରମ୍ଭା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ରାଜ୍ୟ ସ୍ତରୀୟ ଉତ୍କଳ ଦିବସ ପାଳନ ନିମନ୍ତେ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସାଂସଦ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ସ୍ମାରକୀ ଅନୁଷ୍ଠାନ ତରଫରୁ ଉତ୍କଳ ଦିବସ- ୨୦୨୬ ପାଳନ କମିଟିର ଆବାହକ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଗ୍ରାମୀ ସ୍ମାରକୀର ସଭାପତି ତଥା ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡା, ପୁରାତନ ଛାତ୍ର ସଂସଦର ସମ୍ପାଦକ ପି. ପ୍ରସାଦରାଓ ପୃଷ୍ଟି, ପୂଜ୍ୟପୂଜା ସଂସଦର ସମ୍ପାଦକ ମହେଶ୍ୱର ବରାଡ଼, ସମାଜସେବୀ ଇଂ. ଅମୂଲ୍ୟ କୁମାର ସେନାପତି, ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ, ସମ୍ବାଦ ସାହିତ୍ୟ ଘର ସମ୍ପାଦକ ଶେଷଦେବ ବେହେରା, ଦନ୍ତପୁର ଐତିହ୍ୟ ମଞ୍ଚର ଆବାହକ ଅଣୁକବି ଅଶୋକ କୁମାର ସାହୁ, ସମାଜସେବୀ ମହେଶ୍ୱର ବେହେରା ଏବଂ ସ୍ମାରକୀ ପୀଠ ସଦସ୍ୟଗଣ ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ରମ୍ଭା ତଥା ଗଞ୍ଜାମର ଅବଦାନ ଅତୁଳନୀୟ ବୋଲି ଅବତାରଣା କରିଥିଲେ।

ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରଣ କରିବା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇ ଉତ୍କଳୀୟ ବରପୁତ୍ରମାନଙ୍କ ତ୍ୟାଗକୁ ରୋମନ୍ଥନ କରାଯିବା ପାଇଁ ସ୍ଥିର କରାଯାଇଛି। ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଗଞ୍ଜାମର ଅବଦାନ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତିତ୍ୱଙ୍କୁ ଉତ୍ସବରେ ପୁରସ୍କୃତ କରାଯିବାର ନିଷ୍ପତ୍ତି ନିଆଯାଇଛି।

# ଅନିଶ୍ଚିତତାରେ ଖଲ୍ଲିକୋଟ ଜୁନିୟର କଲେଜ ଭବିଷ୍ୟତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରର ଇତିହାସ ଓ ସୁନାମ ବହନ କରୁଥିବା ଖଲ୍ଲିକୋଟ ଜୁନିୟର କଲେଜର ଭବିଷ୍ୟତ କଣ ହେବ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଏହି ଜୁନିୟର କଲେଜ ତଥା ବର୍ତ୍ତମାନର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସହରର କୌଣସି ଉଚ୍ଚବିଦ୍ୟାଳୟ ସହ ମିଶାଇ ଦିଆଯିବ ନାଁ କେଉଁ ସ୍ୱତନ୍ତ୍ର କୋଠାକୁ ସ୍ଥାନାନ୍ତର କରାଯିବ ତାହା ଅନିଶ୍ଚିତତା ମଧ୍ୟରେ ରହିଛି । ଏହି ଜୁନିୟର କଲେଜରେ ଆଜି ଯାଏଁ ଆବଶ୍ୟକୀୟ ଶ୍ରେଣୀଗୃହ କିମ୍ବା ଲାବ୍ରୋଟାରୀ ନଥିବାରୁ ଏହା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଉପରେ ସମ୍ପୂର୍ଣ୍ଣ ନିର୍ଭର ହୋଇପଡ଼ିଛି। ନିକଟରେ ଏହି କଲେଜର କୋଠାଗୁଡ଼ିକ ଐତିହାସିକ କୋଠା ଭାବେ ଘୋଷଣା କରାଯାଇଛି । ଏଭଳି ସ୍ଥିତିରେ ଚଳିତବର୍ଷ ଏହି ଜୁନିୟର କଲେଜରେ ଶେଷ ଥର ପାଇଁ ନାମଲେଖା ହେବ ବୋଲି ଶୁଣିବାକୁ ମିଳୁଛି । ବ୍ରିଟିଶ୍ ଅମଳରେ ପ୍ରତିଷ୍ଠା ହୋଇଥିବା ଖଲ୍ଲିକୋଟ ଜୁନିୟର କଲେଜରେ ଯୁକ୍ତ ୨ ପାଠ୍ୟକ୍ରମର କଳା, ବିଜ୍ଞାନ ଓ ବାଣିଜ୍ୟ ସ୍ରୋତରେ ୩୦୦୦ ରୁ ଅଧିକ ଛାତ୍ରଛାତ୍ରୀ ପଢୁଛନ୍ତି । ହେଲେ ଆରମ୍ଭରୁ ହିଁ ଆବଶ୍ୟକ ଶ୍ରେଣୀ ଗୃହ ଓ ଲାବ୍ରୋଟାରୀ ନଥିବାରୁ ଏଠାକାର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନେ ପ୍ରତ୍ୟେକ ଦିନ ସକାଳ ୭ଟାରୁ ଦିନ ୧ଟା ଯାଏଁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୋଠାକୁ ଯାଇ ପାଠ ପଢ଼ିବା ସହ ପରୀକ୍ଷା ନିରୀକ୍ଷା କରୁଛନ୍ତି । ଯାହା ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ ତଥା ବର୍ତ୍ତମାନର ବିଶ୍ୱବିଦ୍ୟାଳୟ ପାଇଁ ଚିନ୍ତାର କାରଣ ପାଲଟି ଯାଇଛି । ବିଶ୍ୱବିଦ୍ୟାଳୟରେ ୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ପାଇଁ ଶ୍ରେଣୀ ଗୃହର ଅଭାବ ରହି ଆସିଛି । ଏଭଳି ସ୍ଥିତିରେ ଜୁନିୟର କଲେଜର ୩୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀ ଗୃହ ଓ ଲାବ୍ରୋଟାରୀ ଉପଲବ୍ଧ କରାଇବା ସମସ୍ୟା ହେଉଛି । ପୂର୍ବରୁ ଜୁନିୟର କଲେଜର ନୂତନ କୋଠା ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୧୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ହେଲେ ବିଭିନ୍ନ କାରଣରୁ ସେହି ଟଙ୍କା ଫେରି ଯାଇଥିଲା । ସେହିପରି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ତଥା ଜାତୀୟ ଶିକ୍ଷାନୀତି ଆଧାରରେ ଏହି ଜୁନିୟର କଲେଜକୁ ଅନ୍ୟତ୍ର ସ୍ଥାନାନ୍ତର କରି ସହରର କୌଣସି ସରକାରୀ ଉଚ୍ଚ ବିଦ୍ୟାଳୟ ସହ ମିଶାଇ ଦେବାକୁ ଯୋଜନା ହୋଇଥିଲା । ଏପରିକି ଏହି ଜୁନିୟର କଲେଜ ପାଇଁ ନୂତନ ସ୍ଥାନ ମଧ୍ୟ ଚିହ୍ନଟ ଚେଷ୍ଟା କରାଯାଇଥିଲା । ହେଲେ ଆଜି ଯାଏଁ ସେଭଳି କିଛି ପଦକ୍ଷେପ ନିଆଯାଇନାହିଁ । ଏପଟେ ଜୁନିୟର କଲେଜ ସ୍ଥାନାନ୍ତର ହେଲେ ବିଶ୍ୱବିଦ୍ୟାଳୟର ପରିସର ବୃଦ୍ଧି କରିବାକୁ ଯୋଜନା ହୋଇଛି । ଐତିହାସିକ କୋଠା ଘୋଷଣା ହେବା ପରେ ଜୁନିୟର କଲେଜ ଅନ୍ୟତ୍ର ସ୍ଥାନାନ୍ତର ହେବ ବୋଲି ସ୍ପଷ୍ଟ ହୋଇଯାଇଛି । ସେହିକ୍ରମରେ ଚଳିତ ଶିକ୍ଷାବର୍ଷରୁ ଶେଷ ଥର ପାଇଁ ଏହି କ୍ୟାମ୍ପସରେ ନାମଲେଖା ହେବ ବୋଲି କୁହାଯାଉଛି । ହେଲେ ଏନେଇ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ । ଯଦି ସ୍ଥାନାନ୍ତର କରାଯାଏ ରାଜ୍ୟର ଅନ୍ୟତମ ପ୍ରମୁଖ ଯୁକ୍ତ ୨ କଲେଜ ଭାବେ ଗଣା ହେଉଥିବା ଖଲ୍ଲିକୋଟ ଜୁନିୟର କଲେଜ ଆସନ୍ତା ଦୁଇ ବର୍ଷ ପରେ ସତା ହରାଇବ ବୋଲି ଶିକ୍ଷାବିତ୍ ମାନେ ମତ ଦେଇଛନ୍ତି । ଅନ୍ୟପକ୍ଷରେ ଏହି ଜୁନିୟର କଲେଜ ସହର ଭିତରେ ରହିଲେ ହିଁ ନାବାଳକ ଓ ନାବାଳିକା ଛାତ୍ରଛାତ୍ରୀଙ୍କ ପାଇଁ ସୁବିଧା ହେବ ବୋଲି ଶିକ୍ଷାବିତ୍ ମାନେ କହିଛନ୍ତି ।

# ଅଶୋକ ଛୋଟରାୟ ଭୁବନେଶ୍ୱର ବାର ସଂଘ ସଭାପତି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନର ଫଳାଫଳ ଘୋଷଣ ହୋଇଛି। ସଂଘର ସଭାପତି ରୂପେ ଅଶୋକ ଛୋଟରାୟ ନିର୍ବାଚିତ ହୋଇଛନ୍ତି।

ଶନିବାର ସାରା ରାଜ୍ୟରେ ବାର ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇ ଏହାର ଫଳାଫଳ ଘୋଷଣା ହୋଇଛି। ଏଥିରେ ଅଶୋକ ଛୋଟରାୟ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ପଦରେ ସୁଶାନ୍ତ ଦାଶ ନିର୍ବାଚିତ ହୋଇଛନ୍ତି। ହିତେନ୍ ନାୟକ କୋଷାଧ୍ୟକ୍ଷ, ସୁମନ ରାଉତରାୟ ସମ୍ପାଦକ, ସଙ୍ଗୀତା ପଟ୍ଟନାଏକ ଯୁଗ୍ମ ସମ୍ପାଦକ, ଜ୍ୟୋତିର୍ମୟୀ ପଣ୍ଡା ସହକାରୀ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ଭୁବନେଶ୍ୱର ଟ୍ୟାକ୍ସ ବାର ସଂଘ ନିର୍ବାଚନ ଫଳାଫଳ ମଧ୍ୟ ସାମ୍ନାକୁ ଆସିଛି। ସଭାପତି ପଦରେ ଗୌର ପ୍ରସାଦ ରଥ ବିଜୟଷ ହୋଇଛନ୍ତି। ଉପସଭାପତି ଭାବେ ଉପେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଶତପଥି, ଯୁଗ୍ମ ସମ୍ପାଦକ ଭାବେ ବିଶ୍ୱଜିତ ପଟ୍ଟନାୟକ, ସହକାରୀ ସମ୍ପାଦକ ଭାବେ ସୁଶୀଲ ସାମନ୍ତରାୟ ଓ କୋଷାଧ୍ୟକ୍ଷ ଭାବେ ସୁମନ୍ତ ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି।



# ଆହତଜନିତ କାରଣରୁ ଆଇପିଏଲରୁ ଦୁଇ ସପ୍ତାହ ବାଦ୍ ପଡ଼ିଲେ ଧୋନି




**ଚେନ୍ନାଇ**

ଆଇପିଏଲର ଏକ ନୂଆ ଋତୁ ଆରମ୍ଭ ହୋଇଥିବାବେଳେ ଚେନ୍ନାଇ ସୁପରକିଙ୍ଗସ୍ (ସିଏସକେ)କୁ ଏକ ବଡ଼ ଝଟକା ଲାଗିଛି। ଗୋଡ଼ ମାଂସପେଶୀରେ ଯନ୍ତ୍ରଣା କାରଣରୁ ମହେନ୍ଦ୍ର ସିଂ ଧୋନି ଦୁଇ ସପ୍ତାହ ପାଇଁ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି।

ଏ ନେଇ ସିଏସ୍‌କେ ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦିଆଯାଇଛି। ସେଥିରେ ଲେଖାଯାଇଛି "ଗୋଡ଼ ମାଂସପେଶୀ ସମସ୍ୟା ପାଇଁ ଧୋନି ଏବେ ଚିକିତ୍ସିତ ହେଉଛନ୍ତି। ଏଥିପାଇଁ ଆଇପିଏଲ୍‌ର ପ୍ରଥମ ଦୁଇ ସପ୍ତାହ ପାଇଁ ସେ ଉପଲବ୍ଧ ହେବେ ନାହିଁ।" ସିଏସକେ ଆସନ୍ତା ୩୦ ତାରିଖରେ ନିଜର ପ୍ରଥମ ମ୍ୟାଚ୍ ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ। ତେବେ ଧାର୍ଯ୍ୟ ସମୟରେ ଆରୋଗ୍ୟ ଲାଭ କଲେ ଧୋନି ଏପ୍ରିଲ ୧୧ରେ ଦିଲ୍ଲୀ କ୍ୟାପିଟାଲ୍ସ କିମ୍ବା ଏପ୍ରିଲ ୧୪ରେ କୋଲକାତା ନାଇଟ୍ରାଇଡର୍ସ ବିପକ୍ଷରେ ହେବାକୁ ଥିବା ସିଏସକେ ମ୍ୟାଚ୍‌ରେ ଖେଳିପାରନ୍ତି।

ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ୪୪ ବର୍ଷୀୟ ଧୋନିଙ୍କ ଅବସର ନେଇ ଅନେକ ଚର୍ଚ୍ଚା ହେଉଥିଲା। ଏପରିକି କେତେକ ପୂର୍ବତନ ଖେଳାଳି ଏହା ତାଙ୍କର ଶେଷ ଆଇପିଏଲ ଋତୁ ବୋଲି ପୂର୍ବାନୁମାନ କରିଥିଲେ। ସେହିପରି ଖୋଦ୍ ଧୋନି ମଧ୍ୟ ତାଙ୍କ ଫିଟ୍‌ନେସ୍ ହ୍ରାସ ପାଇଚାଲିଥିବା ସଂକେତ ଦେଇଥିଲେ।

# ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସୁନ୍ଦରଗଡ଼ ଗସ୍ତ



**ରାଉରକେଲା, ନ୍ୟୁଜ୍**

ଗତ ୨୭ ତାରିଖରେ ସୁନ୍ଦରଗଡ଼ରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭାଗୀୟ କାର୍ଯ୍ୟକଳାପ ଗୁଡ଼ିକ ଉପରେ ସମୀକ୍ଷା ମଧ୍ୟ କରିଥିଲେ। ଅଧ୍ୟକ୍ଷାଙ୍କ ଏହି ଗସ୍ତ ସମୟରେ ସାଙ୍ଗରେ ଉପସ୍ଥିତ ଥିଲେ ବରିଷ୍ଠ ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ ଓ ସଦସ୍ୟା କଳ୍ପନା ଲେଙ୍କା । ଏହି ପରିଦର୍ଶନରେ ସମୟରେ ଏକ ପୀଡ଼ିତା ପରିବାର ସହିତ ସାକ୍ଷାତ କରିଥିଲେ। ଏହାସହିତ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବା ସହିତ ଛତୁଆ ୟୁନିଟ୍ ର କାର୍ଯ୍ୟ ଗୁଡ଼ିକ ତଦାରଖ କରିଥିଲେ । ସେହିପରି ଦୁଇଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ମଧ୍ୟ ପରିଦର୍ଶନ କରି ପିଲାମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ଏବଂ ସେଠାରେ ଦିଆଯାଉଥିବା ଖାଦ୍ୟ ଗୁଡ଼ିକର ମନ ମଧ୍ୟ ପରୀକ୍ଷା କରିଥିଲେ। ସେହିଭଳି ଲହଣ୍ଡାବୁଡ଼ ବିଦ୍ୟାଳୟର ଅସୁସ୍ଥ ଥିବା ଛାତ୍ରଛାତ୍ରୀ ଖବର ପାଇ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ ଏବଂ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ମଧ୍ୟ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ପରେ ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଶିଶୁ ଅଧିକାର ଉପରେ ସମୀକ୍ଷା ବୈଠକ କରିବା ସହିତ ଆଗାମୀ ଦିନରେ କିପରି ପିଲାମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରି ସୁରକ୍ଷିତ ରଖିପାରିବା ତଥା ସମସ୍ତ ଶିଶୁ ଯେଭଳି ବିଦ୍ୟାଳୟକୁ ଯାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କିଭଳି ଶିଶୁ ଭିକ୍ଷା ବୃତ୍ତିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇ ପାରିବ ତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ବୈଠକ ରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ରାଉରକେଲା ପୂର୍ବତନ ସଦର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସାମି ଓରାମ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଏଲ୍ ପି ଓ ଶ୍ରୀମତୀ ଗୀତାରାଣୀ ପଟେଲ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ଯାଜପୁର ରୋଡ ଓକିଲ ସଂଘର ନିର୍ବାଚନ

**ବ୍ୟାସନଗର : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୦୨୬-୨୦୨୭ ବର୍ଷ ପାଇଁ ଯାଜପୁର ରୋଡ ଓକିଲ ସଂଘ ଓ ବ୍ୟାସନଗର ବାର ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି। ଏହି ନିର୍ବାଚନରେ ଯାଜପୁର ରୋଡ ଯାଜପୁର ରୋଡ ବାର ଆସୋସିଏସନ ପକ୍ଷରୁ ନବନିର୍ବାଚିତ ସଭାପତି ଭାବେ ମଙ୍ଗୁଳି ଚରଣ ସାହୁ, ଉପସଭାପତି ଭାବେ ଗୀତାଞ୍ଜଳି ପରିଡା, ସମ୍ପାଦକ ଭାବେ ବିଭୁ ପ୍ରସାଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ ସଞ୍ଜୟ କୁମାର ପେରେଇ, ସହ ସମ୍ପାଦକ ଭାବେ ଶୀତଲ କାନୁନଗୋ, ଟ୍ରେଜର ଭାବେ ଗଣନାଥ ରାଉତ, କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ପୀତବାସ ଭୂୟାଁ ନିର୍ବାଚିତ ହୋଇଥିବା ବେଳେ, ବ୍ୟାସନଗର ବାର ଆସୋସିଏସନ ତରଫରୁ ସଭାପତି ଭାବେ ନାରାୟଣ ପ୍ରସାଦ ପତି, ଉପସଭାପତି ବିଶ୍ୱମ୍ବର ସାମଲ, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ଯୁଗ୍ମ ସମ୍ପାଦିକା ପ୍ରୀତି ପ୍ଲାଜା ମହାପାତ୍ର, କୋଷାଦକ୍ଷ ସନ୍ତୋଷ କୁମାର ସାହୁ, କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ଅମୀୟ ରଞ୍ଜନ ଘଡ଼ାଇ, ଲାଇବ୍ରେରୀୟାନ ଭାବେ ବିରଜା ପ୍ରସାଦ ହାଲଦାର ନିର୍ବାଚିତ ହୋଇଛନ୍ତି।

# ମା



**ଦେବାଶୀଷ ମହାପାତ୍ର**
ସହକାରୀ ପ୍ରଫେସର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ସଚିବାଳୟ ମାର୍ଗ, ଭୁବନେଶ୍ୱର
ମୋ - ୬୩୭୨୦୮୨୬୯୦

ମା' ଖୁବ୍ ଛୋଟିଆ ଶବ୍ଦଟିଏ। ଏହି ଶବ୍ଦରେ ଥିବା ମମତା ଓ ମିଠାପଣ ଅତୁଳନୀୟ। ମା' ଅନନ୍ୟା, ମା' ଅତୁଳନୀୟ। ଲେଖାଟି ଲେଖିଲାବେଳକୁ ଆଖିର ଲୁହକୁ ଅଟକାଇ ପାରୁନି। ମା'କୁ ହରାଇବାର ଦୁଃଖ, ମା' ବିନା ଜୀବନର ଶୂନ୍ୟସ୍ଥାନ ଭାଷାରେ କୁହାଯାଇ ପାରେନି। ମା'ର ବିକଳ୍ପ ନାହିଁ। ମା'କୁ ହରାଇବାରେ ଜୀବନରେ ଯେଉଁ ଝଡ଼, ଯେଉଁ ବଡ଼ ଶୂନ୍ୟତା ଆସେ ତାହା ଭରଣା କରିହୁଏ ନାହିଁ। ମୋ ମା' ମୋତେ ଛାଡ଼ି ଶ୍ରୀଲିଙ୍ଗରାଜଙ୍କ ବାହୁଡ଼ାଯାତ୍ରା ଦିନ ସ୍ୱର୍ଗଧାମକୁ ବାହାରି ଯାଇଛି। ୧୯୪୨ ମସିହା ଜୁଲାଇ ମାସ ୨୪ତାରିଖ, ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀରୁ ୨୦୨୫ ମସିହା ଏପ୍ରିଲ ମାସ ୯ତାରିଖ, ଚୈତ୍ର ଶୁକ୍ଳପକ୍ଷ ଦ୍ୱାଦଶୀର ଏହି ଜୀବନଯାତ୍ରା। ଖୋର୍ଦ୍ଧାର ଦଧିମାଛ ଭବନରେ ପୂର୍ଣ୍ଣଚ୍ଛେଦ। ଚାଳିଶ ବର୍ଷ ତଳେ ବଡ଼ ଭାଇ ଦୀପ୍ତିରଂଜନ, ଭୁବନେଶ୍ୱର ସେଣ୍ଟ୍ରାଲ ସ୍କୁଲର ଦଶମ ଶ୍ରେଣୀ ଛାତ୍ର, ଭଉଣୀ ଦେବଶ୍ରୀ, ୟୁନିଟ-୨ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ସପ୍ତମଶ୍ରେଣୀ ଛାତ୍ରୀ, ମୁଁ କଳ୍ପନା ଫ୍ଲାଟସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ଛାତ୍ର ଓ ସାନଭାଇ ଆଶିଷ ସେହି ସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର। ସେହି ସମୟରେ ଆମ ପରିବାରରେ ଅଦିନିଆ ଅମାବାସ୍ୟା ଘୋଟିଗଲା। ଆମ ବାବା ବିଜୟ କୁମାର ମହାପାତ୍ର, ଯିଏକି ହିନ୍ଦୀର ଜଣେ ବିରଳ ବିଦ୍ୱାନ ଥିଲେ, ଅକାଳରେ ଚାଲିଗଲେ। ଏତେ ବଡ଼ ଅଘଟଣ ଆମ ସମସ୍ତଙ୍କ ମୁଣ୍ଡରୁ ଛାତ ଉଡ଼ିଗଲା। ସେହିଦିନଠୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ପ୍ରତ୍ୟେକ ମୁହୂର୍ତ୍ତରେ ଆମ ସାହସ, ଆଶା, ଭରସା, ଧୈର୍ଯ୍ୟ ଦେଇ ଜୀବନର



ପଥେ ଆଲୋକବର୍ତ୍ତିକା ଥିଲା ମା'- ଗିରିବାଳା ମହାପାତ୍ର। ପିଲାଦିନେ ଡାକ ନାଁ ଥିଲା ଲିଲି। ଶାଶୂଘରେ ନାଁ ଦେଇଥିଲେ ଶାନ୍ତି। କଥାବାର୍ତ୍ତା, ହାବଭାବ, ଓଡ଼ିଆ-ଇଂରାଜୀ ସବୁଥିରେ ସେ ଥିଲା ଅନନ୍ୟା। ଦେଶବିଦେଶ କେତେ ଜାଗା ବୁଲିଛି। ଶାଢ଼ି କିଣା, ଭଲ ଭଲ ଦାମୀ ଜିନିଷ ଖାଇବା, ଘର ସଜାଇବା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି ନାତୁଣୀଙ୍କ ମନ ଜାଣି ପସନ୍ଦର ଚିଜ ଆଣିବା ଥିଲା ତା'ର ଅଭ୍ୟାସ। ଚାଳିଶ ବର୍ଷ ତଳେ ଜଣେ ବିଧବା ସ୍ତ୍ରୀଲୋକ ନିଜ ବାପଘର କି ଶାଶୂଘର ସମ୍ପତ୍ତିରୁ ସେ ବଞ୍ଚିତ ହୋଇ ନିଜ ସଞ୍ଚିତ ଧନରେ ପିଲାମାନଙ୍କୁ ମଣିଷ କରିବା କଥା ଏବେ ଭାବିଲା ବେଳକୁ ଆଖି ପାଉନି। ମୋର ମନେ ଅଛି ପାଖ ପଡ଼ିଶାଘରକୁ ଆମେ ଟିଭି ଦେଖିବାକୁ ଯାଉଥିଲୁ। ଏଥିପାଇଁ କେତେଥର ମା' କାନ୍ଦିଛି। ଆର୍ଥିକ ସ୍ୱଚ୍ଛଳତା ଧୀରେ ଧୀରେ ବଡ଼ଭାଇର ଚାକିରି ପରେ ଆସିଲା। ହେଲେ ଆମ ପୂଜାପର୍ବ, ଖାଦ୍ୟପେୟରେ କେବେ ଊଣା କରିନି। ମା' ତୁ ଯୋଉଠି ଅଛୁ ଭଲରେ ଥା'। ଆମ ସମସ୍ତଙ୍କୁ ଲୁହର ସାଗରରେ ଭସାଇ ଦେଇ ତୁ ବାହାରି ଗଲୁ। ଆଜି ତୋ' ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଆଉ ଅଜସ୍ର ଶୁଭେଚ୍ଛୁ ଅନାଇଛନ୍ତି ଦୂର ଗଗନକୁ।

## ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲ୍ଲା ସ୍ତରୀୟ କର୍ମଶାଳା
# 'ମହିଳା ଚାଲାଣ ଶବ୍ଦ ଆମ ସମାଜର ମୂଲ୍ୟବୋଧ ଓ ମାନବିକତାକୁ କ୍ଷୁର୍ଣ୍ଣ କରୁଛି'

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ମିଳିତ ଆନୁକୂଲ୍ୟରେ ମହିଳା ଚାଲାଣ ପ୍ରତିରୋଧ ସମ୍ପର୍କିତ ଜିଲ୍ଲା ସ୍ତରୀୟ ଏକ ଦିବସୀୟ କର୍ମଶାଳା ଗାନ୍ଧୀ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳା ଓଡ଼ିଶା ରାଜ୍ୟ ମହିଳା ଆୟୋଗ, ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମ୍ପାଦନ ହୋଇଥିଲା। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ତାଙ୍କ ସହିତ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଡ. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା (ରିସର୍ଭ ପରସନ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ପୋଲିସ ଉପ ଅଧିକ୍ଷକ(ମାନବ ଚାଲାଣ ବିରୋଧୀ ୟୁନିଟ୍), ବ୍ଲକ୍ ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ ପରିଷଦ ସଦସ୍ୟ/ସଦସ୍ୟାଙ୍କ ସମେତ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ହୋଇ 'ମହିଳା ଚାଲାଣ' ଶବ୍ଦଟି ଆମ ସମାଜର ମୂଲ୍ୟବୋଧ ଓ ମାନବିକତାକୁ କ୍ଷୁର୍ଣ୍ଣ କରିଥାଏ। ଏହା ବିଶେଷକରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଏବଂ ଦରିଦ୍ର ଶ୍ରେଣୀ, ଅଶିକ୍ଷିତ ଓ ବେକାରୀ ମହିଳାମାନେ ଏହାର ଅଧିକ ଶିକାର ହୋଇଥାନ୍ତି। ଏହାକୁ ରୋକିବା ପାଇଁ ସରକାର ଆଇନ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରିଛନ୍ତି, ମାତ୍ର ଏହା ଖାଲି ଆଇନ୍ ବ୍ୟବସ୍ଥା ଉପରେ ନିର୍ଭର କଲେ ହେବ ନାହିଁ ବରଂ ମହିଳା ମାନଙ୍କର ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରାଇବାକୁ ହେଲେ, ଆମେ ସମସ୍ତେ ମିଶି ସଚେତନ ହେବା ସଙ୍ଗେ ସଙ୍ଗେ ପ୍ରଶାସନିକ ସେବା ମାଧ୍ୟମରେ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସଚେତନ କରାଇବା ଆବଶ୍ୟକ, ତେବେ ନିଶ୍ଚିତ ଭାବେ ଏହି ଅପରାଧକୁ ରୋକାଯାଇପାରିବ ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ। ଉକ୍ତ କର୍ମଶାଳାକୁ ବିଶେଷ ଉଦବୁଦ୍ଧ କରିବା ନିମନ୍ତେ ଜିଲ୍ଲାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପର୍ଯ୍ୟବେକ୍ଷକ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ସରପଞ୍ଚ, ୱାର୍ଡମେମ୍ବର, ସମିତି ସଭ୍ୟ/ସଭ୍ୟା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, କିଶୋରୀ ବାଳିକା ଓ ଅନ୍ୟ ମହିଳା ମାନଙ୍କ ସହିତ ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଂଚାଳନ କରିଥିଲେ। ସର୍ବଶେଷରେ ମହିଳା କମିଶନ ସଦସ୍ୟ ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ସମସ୍ତ ସମ୍ମାନିତ ବ୍ୟକ୍ତି ବିଶେଷ ଓ ଅଂଶଗ୍ରହଣକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରି କର୍ମଶାଳାକୁ ଉଦ୍‌ଯାପିତ କରିଥିଲେ।



## କଙ୍ଗାରୁ ମଦର କେୟାର ସେବା ପାଇଁ

# ରାଜ୍ୟ ସ୍ତରରେ ପ୍ରଥମ ପୁରସ୍କାର ଲାଭ କଲା ଡୁମୁରିମୁଣ୍ଡାର ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର



**ରାଇଘର, ନ୍ୟୁଜ ବ୍ୟୁରୋ**
ନବରଙ୍ଗପୁର, ରାଇଘର ବ୍ଲକର ଡୁମୁରିମୁଣ୍ଡାର ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର କଙ୍ଗାରୁ ମଦର କେୟାର ସେବା ପାଇଁ ରାଜ୍ୟ ସ୍ତରରେ ପ୍ରଥମ ପୁରସ୍କାର ଲାଭ କରିଛି। କଙ୍ଗାରୁ ମଦର କେୟାର କାର୍ଯ୍ୟକ୍ରମ ମା' ଓ ନବଜାତ ଶିଶୁଙ୍କ ଜୀବନରେ ଏହି ପ୍ରୟାସ ଆଣୁଛି ପରିବର୍ତ୍ତନ। ପିପିପି ମୋଡ଼ ରେ ଚାଲିଥିବା ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ଅବସ୍ଥିତ ଡୁମୁରିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ରାଜ୍ୟରେ ଗଢ଼ିଛି ନୂଆ ପରିଚୟ। କଙ୍ଗାରୁ ମଦର କେୟାର ସେବାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି କେନ୍ଦ୍ରକୁ ମିଳିଛି ପ୍ରଥମ ପୁରସ୍କାର। କଙ୍ଗାରୁ ମଦର କେୟାର ଅର୍ଥାତ ମା' ଓ ଶିଶୁଙ୍କ ମଧ୍ୟରେ ସିଧାସଳଖ ସ୍ପର୍ଶ। ଏହି ପ୍ରଣାଳୀରେ ଅପ୍ରାପ୍ତ ବା ଅଳ୍ପ ଓଜନର ଶିଶୁଙ୍କୁ ମା'ର ଛାତିରେ ଧରି ରଖାଯାଏ, ଯାହା ତାଙ୍କର ଶରୀର ତାପମାତ୍ରା ନିୟନ୍ତ୍ରଣ, ଓଜନ ବୃଦ୍ଧି ଓ ସୁସ୍ଥ ବିକାଶକୁ ସହାୟତା କରେ । ଏହି ନୂଆ ପ୍ରୟାସକୁ ଶିଶୁ ଓ ଶିଶୁର ପରିବାର ମଧ୍ୟ ଗ୍ରହଣ କରୁଛନ୍ତି ବୋଲି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ର ନାଥ ଦାସ ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୨୦୨୦ରୁ ଆରମ୍ଭ ହୋଇଥିବା କଙ୍ଗାରୁ ମଦର କେୟାର ଫଳରେ ବର୍ତ୍ତମାନ ସୁଦ୍ଧା ସାତ ଶହ ଜଣ ଶିଶୁଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବା ସମ୍ଭବ ହୋଇପାରିଛି। କଙ୍ଗାରୁ ମଦର କେୟାର ସମ୍ପର୍କରେ ଏହି କେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ମା'ମାନଙ୍କ ସହ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। କେବଳ ସେତିକି ନୁହେଁ ଗାଁରେ କିଶୋରୀ ବାଳିକାମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରି ଏକ ଟିମ୍ ଗଠନ କରାଯାଇଛି। କିଶୋରୀ ଟିମ୍‌ର ସଦସ୍ୟାମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା କଙ୍ଗାରୁ ମଦର ୟୁନିଟରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ସହଯୋଗ କରୁଛନ୍ତି।
କଚରାପାରା, ଦେବାଗାଁ ଓ ମହଣ୍ଡ ପଞ୍ଚାୟତ ବାସୀ ନିର୍ଭରଶୀଳ। ତେବେ ଏହି ଅଞ୍ଚଳରେ ୨୮ ପ୍ରତିଶତ ଶିଶୁ କମ ଓଜନର ଜନ୍ମ ହେଉଥିବାରୁ କଙ୍ଗାରୁ ମଦର କେୟାରର ଆବଶ୍ୟକତା ଅଧିକ ରହିଥିଲା। ନିରନ୍ତର ପ୍ରୟାସର ଫଳ ସ୍ୱରୂପ ଏହା ଏବେ କଙ୍ଗାରୁ ମଦର ୟୁନିଟ ଫ୍ୟାମିଲି ପାର୍ଟିସିପେଟରି କେୟାର ୟୁନିଟରେ ରୂପାନ୍ତରିତ ହୋଇପାରିଛି। ଡୁମୁରିମୁଣ୍ଡା ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ସମୟୋଚିତ ପଦକ୍ଷେପ ଓ ଗୋଷ୍ଠୀ ସହଭାଗୀତା, ଉପଯୁକ୍ତ ସଚେତନତା ଦ୍ୱାରା ଦୁର୍ଗମ ଅଞ୍ଚଳରେ ମଧ୍ୟ ସ୍ୱାସ୍ଥ୍ୟ ସେବାରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି ହୋଇପାରିଛି। ଡୁମୁରିମୁଣ୍ଡାର ଚିକିତ୍ସକ ଡାକ୍ତର ସୁରେନ୍ଦ୍ର ନାଥ ଦାସ ଏହି କଙ୍ଗାରୁ ମଦର କେୟାରକୁ ଏକ ବିରାଟ ସଫଳତା ମଧ୍ୟ କହିଛନ୍ତି।
ନବରଙ୍ଗପୁର ଜିଲ୍ଲା ଭଳି ଉପାନ୍ତ ଅଞ୍ଚଳରେ ଯେଉଁଠି ସ୍ୱାସ୍ଥ୍ୟ ସେବା ଆପେକ୍ଷାକୃତ କମ ମିଳିଥାଏ ସେହିଠାରେ ଏହି ପ୍ରକାର ଖର୍ଚ୍ଚ ବିନା ଶିଶୁଙ୍କୁ କେବଳ ସଚେତନତାରେ ସୁସ୍ଥ ହୋଇ ପାରୁଛନ୍ତି ଏକ ମାଇଲ ଖୁଣ୍ଟ ସଦୃଶ୍ୟ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପର୍ଯ୍ୟଟକ ବସ୍ ...

କଟର ମାଧ୍ୟମରେ ଅଟକିଥିବା ଲୋକମାନଙ୍କୁ ବାହାର କରିଥିଲେ।
ଆହତମାନଙ୍କୁ ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା, ପରେ ଗୁରୁତର ଆହତ ପ୍ରାୟ ୧୫ ଜଣଙ୍କୁ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀମାନଙ୍କ ସୂଚନା ଅନୁସାରେ, ଦ୍ରୁତଗତି ଦୁର୍ଘଟଣାର କାରଣ ହୋଇପାରେ। ଆହତ ଯାତ୍ରୀ ଶୁଭ୍ରାଂଶୁ ନାୟକ କହିଛନ୍ତି ଯେ, "ଚାଳକ ମୋଡ଼ରେ ବହୁତ ବେଗରେ ବସ୍‌କୁ ବୁଲାଇଥିଲେ, ଫଳରେ ବସ୍‌ଟି ଓଲଟି ପଡ଼ିଥିଲା। ଅନେକ ଯାତ୍ରୀଙ୍କୁ ଭାଙ୍ଗିଯାଇଥିବା ଝରକା ମାଧ୍ୟମରେ ବାହାର କରାଯାଇଥିଲା।

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ...

ସୁପ୍ରଭା ସାହୁ (ସ୍ୱାମୀ – ନାରାୟଣ ସାହୁ), ସୁମତି ସାହୁ (ପିତା -ନାରାୟଣ ସାହୁ), ପ୍ରବୀଣ କୁମାର ସାହୁ, ଏଲ. ହରି ପାତ୍ର, ଏଲ. ଲକ୍ଷ୍ମୀ ପାତ୍ରଙ୍କର ପ୍ରାଣହାନୀ ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ସେହିପରି ବିରୋଧୀ ଦଳ ନେତା ନବୀନଙ୍କ ପଟ୍ଟନାୟକ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ।

### ପଶ୍ଚିମ ଏସିଆ...

ଏହି ସଙ୍କଟର ଭାର ନ ପଡ଼େ। ସଙ୍କଟର ଏହି ସମୟରେ ମଧ୍ୟ ଭାରତ ତାହାର ଦ୍ରୁତ ବିକାଶକୁ ଜାରି ରଖିଛି। ପ୍ରଧାନମନ୍ତ୍ରୀ ଦେଶବାସୀ ଓ ରାଜନୈତିକ ଦଳମାନଙ୍କୁ ଏକାସାଥିରେ ଏହି ସଙ୍କଟକୁ ମୁକାବିଲା କରିବାକୁ ଆହ୍ୱାନ କରିଥିଲେ।
ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ ଆଜି ଯେତେଦୂର ଦୃଷ୍ଟି ପଡୁଛି ସେଠାରେ ଯୁବମାନଙ୍କର ଉତ୍ସାହ ଦେଖିବାକୁ ମିଳୁଛି। ଆଜି ଯେଉଁ କାମ ହେଉଛି, ସେଗୁଡ଼ିକ ନୂତନ ଉଡ଼ାଣ ନେଉଛି। ଆଜିଠାରୁ ଉତ୍ତର ପ୍ରଦେଶ ସର୍ବାଧିକ ଅନ୍ତର୍ଜାତୀୟ ବିମାନବନ୍ଦର ଥିବା ରାଜ୍ୟ ହୋଇଯାଇଛି। ମୋ ପାଇଁ ଏହା ଦୁଇଟି କାରଣରୁ ଖୁସିର କଥା — ପ୍ରଥମ, ଏହି ବିମାନବନ୍ଦରର ଶିଳାନ୍ୟାସ କରିବାର ସୁଯୋଗ ମୋତେ ମିଳିଥିଲା ଏବଂ ଏହାର ଉଦ୍‌ଘାଟନ କରିବାର ସୁଯୋଗ ମଧ୍ୟ ମୋତେ ମିଳିଛି। ଦ୍ୱିତୀୟ, ଯେଉଁ ଉତ୍ତର ପ୍ରଦେଶ ମୋତେ ପ୍ରତିନିଧି କରିଛି, ସାଂସଦ କରିଛି, ସେହି ଉତ୍ତର ପ୍ରଦେଶର ପରିଚୟ ସହ ଏହି ଭବ୍ୟ ବିମାନବନ୍ଦରର ନାମ ମଧ୍ୟ ଯୋଡି ହୋଇଛି।
ସେ କହିଛନ୍ତି ଯେ ଏଠାରୁ ବିମାନଗୁଡ଼ିକ ସମଗ୍ର ବିଶ୍ୱକୁ ଯିବା ସହିତ ଉତ୍ତର ପ୍ରଦେଶ ମଧ୍ୟ ନୂତନ ଉଡ଼ାଣ ନେବ। ବିଶେଷ କରି ପଶ୍ଚିମ ଉତ୍ତର ପ୍ରଦେଶର ଲୋକମାନଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଏହି ସମସ୍ତ ପ୍ରକଳ୍ପ ଉତ୍ତର ପ୍ରଦେଶର ବିକାଶ ପାଇଁ ଡବଲ୍ ଇଞ୍ଜିନ ସରକାରର ଶ୍ରେଷ୍ଠ ଉଦାହରଣ। ସେମିକଣ୍ଡକ୍ଟର କାରଖାନା, ନମୋ ଭାରତ ଟ୍ରେନ୍ ଏବଂ ଏବେ ଏହି ବିମାନବନ୍ଦର ସମଗ୍ର ବିଶ୍ୱକୁ ଯୋଡୁଛି।

### ଦୁଷ୍କର୍ମ ପୀଡ଼ିତାଙ୍କ...

ସଂଶୋଧନ ଦ୍ୱାରା ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୭୬ ଅନୁଯାୟୀ ପୀଡିତାଙ୍କ ପରିଚୟ ସୁରକ୍ଷିତ ରଖିବା ପାଇଁ ଆଇପିସିରେ ଏକ ବ୍ୟବସ୍ଥା ପ୍ରଣୟନ କରଯାଇଥିଲା। ଖଣ୍ଡପୀଠ ରାୟର ଏକ କପି ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର୍ ଜେନେରାଲଙ୍କ ନିକଟକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ଦଣ୍ଡ ସଂହିତା ୧୮୬୦ର ୨୨୮ ଏ'ରେ ମଧ୍ୟ ଦୁଷ୍କର୍ମ ସମେତ ଯୌନ ଅପରାଧ ମାମଲାରେ ସାମାଜିକ ନିନ୍ଦାକୁ ରୋକିବାକୁ ପୀଡ଼ିତାଙ୍କ ପରିଚୟ ପ୍ରକାଶ କରିବାକୁ ନିଷେଧ କରାଯାଇଥିଲା।
ଆଇନରେ ଦୀର୍ଘ ଦିନ ହେଲା ଏପରି ବ୍ୟବସ୍ଥା ରହିଛି। କିନ୍ତୁ ଏହାର ଅନୁପାଳନ କରାଯାଇନି ବୋଲି କୋର୍ଟ ତୀବ୍ର ଭର୍ତ୍ସନା କରିଥିଲେ। ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ଏକ ଆଦେଶକୁ ଖାରଜ କରି ଖଣ୍ଡପୀଠ ଏହି ଟିପ୍ପଣୀ କରିଛନ୍ତି। ଏଥିରେ ଜଣେ ୯ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀଙ୍କ ଦଣ୍ଡାଦେଶକୁ ବଦଳାଇ ଦିଆଯାଇଥିଲା। ଏହି ମାମଲାର ଶୁଣାଣିବେଳେ ସର୍ବୋଚ୍ଚ କୋର୍ଟ କହିଛନ୍ତି, କୋର୍ଟ ଦୁଷ୍କର୍ମ ମାମଲାରେ ଛୋଟ ଛୋଟ ବିସଙ୍ଗତିକୁ ବହୁତ ଅଧିକ ଗୁରୁତ୍ୱ ଦେବା ଉଚିତ ନୁହେଁ।

### ଜରୁରୀ ଅବତରଣ...

ସ୍ଥିତିର ସୂଚନା ମିଳିଛି ଯାହାପରେ ପାଞ୍ଚ ଗାଡ଼ି ରନ୍‌ୱେରେ ନିଯୁକ୍ତି କରିଦିଆ ଯାଇଛି।
ଦିଲ୍ଲୀ ପୋଲିସ୍ ସୂଚନା ଅନୁସାରେ ଇଣ୍ଡିଗୋର ଏକ ବିମାନ ବିଶାଖାପାଟନମ୍‌ରୁ ଦିଲ୍ଲୀ ଆସୁଥିଲା, ସେତେବେଳେ ଇଞ୍ଜିନ୍ ଫେଲ୍ ହେବାପରି ସ୍ଥିତି ଉତ୍ପନ୍ନ ହୋଇଯାଇଥିଲା। ବିମାନକୁ ଇନ୍ଦିରା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରେ ସୁରକ୍ଷିତ ଅବତରଣ କରାଯାଇଥିଲା। ଇଣ୍ଡିଗୋର ବିମାନ ସଂଖ୍ୟା ୬ଇ ୫୭୯ ସକାଳ ୮.୩୯ରେ ବିଶାଖାପାଟନମରୁ ଦିଲ୍ଲୀ ଆସୁଥିଲା। ଯାତ୍ରା ସମୟରେ ଅଚାନକ ବିମାନର ଇଞ୍ଜିନରେ ଟେକ୍‌ନିକ୍ ଖରାପ ଆସିଯାଇଥିଲା। ଶୂନ୍ୟରେ ବିମାନର ଏକ ଇଞ୍ଜିନ ଫେଲ୍ ହେବାର ଖବର ମିଳିବା ପରେ ସେଥିରେ ଥିବା ଯାତ୍ରୀମାନେ ଡର ଏବଂ ଭୟଭୀତର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତିର ଗମ୍ଭୀରତାକୁ ଦେଖି ପାଇଲଟ ତୁରନ୍ତ ଦିଲ୍ଲୀ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ସୂଚିତ କରାଯାଇଥିଲା, ଯାହାପରେ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ଏମରଜେନ୍ସି ପୋଟ୍ରୋକଲ୍ ସକ୍ରିୟ କରାଯାଇଥିଲା। ସୁରକ୍ଷାକୁ ଦେଖି ରନୱେ ନମ୍ବର ୨୮କୁ ଖୋଲାକରି ହାଇଆଲର୍ଟରେ ରଖାଗଲା।
ପାଇଲଟ ସିଙ୍ଗଲ ଇଞ୍ଜିନର ସହାୟତାରେ ବିମାନକୁ ସନ୍ତୁଳିତ ରଖି ସୁରକ୍ଷିତ ଅବତରଣ କରାଯାଇଥିଲା। ବିମାନର ଜମି ଛୁଇଁବା ପରେ ସମସ୍ତ ୧୬୧ ଯାତ୍ରୀ ଏବଂ ଚାଳକ ଦଶ ସଦସ୍ୟ ଆଶ୍ୱସ୍ତି ହୋଇଥିଲେ।

### ଶୋଭାଯାତ୍ରାରେ ଫାଙ୍କା ...

ବିଧାୟକଙ୍କୁ ବନ୍ଧୁକ କକ୍ କରି ଧରାଇ ଦେବା ସହ ଫାଙ୍କା ଗୁଳି ଚାଳନା କଲା ସମୟରେ ବିଧାୟକ ଶ୍ରୀ ଜୈନଙ୍କ ହାତକୁ ଧରି ସାହାଯ୍ୟ କରୁଥିବା ପ୍ରସାରିତ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଥିଲା।
ଆଧ୍ୟାତ୍ମିକ ଶୋଭାଯାତ୍ରା ଚାଲିଥିବା ସମୟରେ ସର୍ବସାଧାରଣ ସ୍ଥାନରେ ଜଣେ ବିଧାୟକ ଫାଙ୍କା ଗୁଳି ଫୁଟାଇ ସ୍ଥାନୀୟ ଅଞ୍ଚଳରେ କ'ଣ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ସାଧାରଣରେ ଭିନ୍ନ କଥା ଚର୍ଚ୍ଚା ହେଉଛି। ଅନ୍ୟପଟେ, ପିଏସ୍‌ଓଙ୍କ ଠାରୁ ବନ୍ଧୁକ ନେଇ ଫାଙ୍କା ଗୁଳିଚାଳନା କରିଥିବା ଘଟଣାକୁ ବିଧାୟକ ଶ୍ରୀ ଜୈନ୍ ଖଣ୍ଡନ କରିଛନ୍ତି। ଲୋକଙ୍କ ଉତ୍ସାହ ବୃଦ୍ଧି ପାଇଁ ସେ ଧରିଥିବା ଏକ ଖେଳଣା ବନ୍ଧୁକରୁ ଆକାଶ ମୁହାଁ କରି ଫୁଟାଇଥିବା ବିଧାୟକ କହିଛନ୍ତି। ଆଧ୍ୟାତ୍ମିକ ଶୋଭାଯାତ୍ରା ଓ ସର୍ବସାଧାରଣ ସ୍ଥାନରେ ଫାଙ୍କା ଗୁଳିଚାଳନା ଘଟଣାକୁ ବଲାଙ୍ଗିର ଆରକ୍ଷୀ ଅଧୀକ୍ଷକ ଗୁରୁତର ସହ ଗ୍ରହଣ କରିଛନ୍ତି। ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ୍‌ଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ପ୍ରେମଚନ୍ଦ ନାଗଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଥିବା ବେଳେ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏସସିବି ମେଡିକାଲ କଲେଜର ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୩ ଜଣ ରୋଗୀଙ୍କ ଦୁଃଖଦ ମୃତ୍ୟୁ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବିରେ ଏକ ସପ୍ତାହରୁ ବିଧାନସଭା ଅଚଳ ହୋଇଥିବା ବେଳେ, ରାମ ନବମୀ ଶୋଭାଯାତ୍ରାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜେ ବିନା ହେଲମେଟରେ ମଟର ସାଇକେଲ ଚଳାଇବାକୁ ନେଇ ବିଜୁ ଜନତା ଦଳ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଆଚରଣ ଉଚ୍ଚାରଣକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି।
ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଏସସିବିରେ ଅଗ୍ନିକାଣ୍ଡ ଘଟି ୧୩ ଜଣଙ୍କ ଦୁଃଖଦ ମୃତ୍ୟୁ ହେବା ପରେ, ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ ବୋଲି ବିରୋଧୀ ଦଳ ମାନେ ଦାବି କରି ଆସୁଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ପୂର୍ବରୁ ସ୍ୱାସ୍ଥ୍ୟ ସହିତ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱରେ ଥିବା ମୁକେଶ ମହାଲିଙ୍ଗ ବିଧାନସଭାରେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରିଥିଲେ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। କିନ୍ତୁ, ମନ୍ତ୍ରୀଙ୍କ ଏହି ବିଶୃଙ୍ଖଳିତ ଆଚରଣ ପାଇଁ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ତାପର ଦିନ ତାଙ୍କୁ, ଜଣେ ବିଧାୟକଙ୍କୁ ତମେ ଟଙ୍କା ନେଇଚ ଭୋଟ ଦେବାକୁ ବାଧ ବୋଲି କହୁଥିବା ଦେଖିବାକୁ ମିଳିଥିଲା। ଗତ କାଲି ପବିତ୍ର ରାମ ନବମୀ ଅବସରରେ ହେଉଥିବା ଶୋଭାଯାତ୍ରାରେ, ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ବିନା ହେଲମେଟରେ ମଟର ସାଇକେଲ ଚଳାଉଥିବା ଦେଖିବାକୁ ମିଳିଲା। ମନ୍ତ୍ରୀଙ୍କ ଏହି କାର୍ଯ୍ୟକୁ ରାଜ୍ୟର ସାଧାରଣ ଜନତା ନାପସନ୍ଦ କରିଛନ୍ତି। ସାମାଜିକ ଗଣମାଧ୍ୟମରେ, ବିନା ହେଲମେଟରେ ମନ୍ତ୍ରୀ ମଟର ସାଇକେଲ ଚଳାଉଥିବା ଫଟୋ ପୋଷ୍ଟ କରି, ଏହା କଣ ବିଜେପି ସରକାରଙ୍କ ନୀତି ନୈତିକତା ବୋଲି କିଛି ସାଧାରଣ ଲୋକ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।
ଡ଼ ମହାନ୍ତି କହିଛନ୍ତି, ମନ୍ତ୍ରୀ ମୁକେଶ ମହାଲିଙ୍ଗ ଲଗାତର ଭାବେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ରହସ୍ୟମୟ ନିରବତା, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝିଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହିସବୁ ଦୃଷ୍ଟିରୁ, ନିକଟରେ ବିଧାନସଭାରେ ବିରୋଧୀ ଦଳର ବିଧାୟକ ମାନେ କଳା ଟି-ସାର୍ଟ ପରିଧାନ କରିଥିଲେ, ଯେଉଁଥିରେ ଦୁର୍ବଳ ମୁଖ୍ୟମନ୍ତ୍ରୀ ଓ ଶକ୍ତିଶାଳୀ ସ୍ୱାସ୍ଥ୍ୟମନ୍ତ୍ରୀ ବୋଲି ଲେଖାଥିଲା। ଲଗାତର ଭାବେ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଇନ ଉଲଂଘନ କାର୍ଯ୍ୟ ବିଧାୟକ ମାନଙ୍କ ଦ୍ୱାରା ଲେଖାଯାଇଥିବା ଉକ୍ତ ଯଥାର୍ଥ ଥିଲା ବୋଲି ପ୍ରମାଣିତ କରୁଛି। ଉଲ୍ଲେଖଯୋଗ୍ୟ, ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ଲୋଇସିଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ବେଳେ, ସେ ଅନୁସୂଚିତ ଜାତି ବର୍ଗର ନୁହନ୍ତି ଓ ଜାଲ ପ୍ରମାଣ ପତ୍ର ଦେଇ ଏହା ହାସଲ କରିଛନ୍ତି ବୋଲି ଅଭିଯୋଗ ରହିଛି। ଏଇଭଳି ଗୁରୁତର ଅଭିଯୋଗ ଥିବା ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଭଳି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦେବା ଓ ତାଙ୍କର ଅପାରଗତା ଓ ବିଶୃଙ୍ଖଳିତ ଆଚରଣ ଉଚ୍ଚାରଣରେ ନିରବ ରହିବା, ରାଜ୍ୟ ବିଜେପି ସରକାରଙ୍କ ନୀତି ଓ ଆଦର୍ଶ ଉପରେ ସଙ୍ଗୀନ ପ୍ରଶ୍ନ ଛିଡା କରିଛି। ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ନେଇ ରାଜ୍ୟରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ଯୋଗୁ, ରାଜ୍ୟ ସରକାର ତାଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ବିଜେଡି ଦାବି କରିଛି ।

## "ସାହିତ୍ୟ ମାସିକୀ" କାର୍ଯ୍ୟକ୍ରମ

# 'ଅସାଧାରଣ ଉପଲବ୍ଧି ହିଁ ଭଲ ଗପର ଉତ୍ସ'



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ସୃଷ୍ଟି ଗଳ୍ପମୟ । ଗୋଟିଏ ଅସାଧାରଣ ଉପଲବ୍ଧିରୁ ଗପ ଉତୁରି ଆସେ । ଚାରିପାଖର ଦୃଶ୍ୟ, କୋଳାହଳ ଓ ଚରିତ୍ରରୁ ଗପର ଉପାଦାନ ସଂଗ୍ରହ କରନ୍ତି ବୋଲି କଥାଶିଳ୍ପୀ ଡ. ଅଭୟ ବାରିକ ଉଲ୍ଲେଖ କରିଛନ୍ତି । ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ'ରେ ଯୋଗ ଦେଇ 'ମୋ ସୃଜନ, ମୋ ଜୀବନ' ଶୀର୍ଷକ ବକ୍ତବ୍ୟ ରଖି ଡ଼. ବାରିକ ତାଙ୍କ ଗଳ୍ପ ଲିଖନର ପୃଷ୍ଠଭୂମି ଓ କଥା ଯାତ୍ରା, ସ୍ମରଣୀୟ ଅତୀତ ଉପରେ ଆଲୋକପାତ କରିଥିଲେ ।
ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ଼. ବାରିକ ପ୍ରଶ୍ନର ଉତ୍ତର ଦେଇଥିଲେ । ନିଶାକର ପଣ୍ଡା, ପ୍ରଦୀପ୍ତ ବାରିକ, ନନ୍ଦ କିଶୋର ବିଶ୍ୱାଳ, ପ୍ରିୟରଞ୍ଜନ ସାହୁ, ନାଟ୍ୟକାର ଫକୀର ସିଂହ, ବାସନ୍ତୀ ତ୍ରିପାଠୀ ଓ ଆଭାସ ବରାଳ ପ୍ରମୁଖ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ।
କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଆରମ୍ଭରେ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲା ବେଳେ ଡା. ଜୀବନକୃଷ୍ଣ ମିଶ୍ର ବେଦ ପାଠ କରିଥିଲେ । 'ଏ ମାସର କବି' ଭାବରେ ଉପସ୍ଥିତ ରହି ଅଂଶୁମାନ ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମଧୁମିତା ମିଶ୍ର ଓ ଶ୍ୟାମା କିଙ୍କର ମହାନ୍ତିଙ୍କ ମିଳିତ ସଂଯୋଜନାରେ ବିଜୟ ମହାପାତ୍ର, ଅଲେଖ ରାଉତ, ବୀଣାପାଣି ମିଶ୍ର, ଶୈଳେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ଇତିଶ୍ରୀ ପତି, ଜ୍ଞାନରଞ୍ଜନ ନନ୍ଦ, ହିମାଂଶୁ ପଟ୍ଟନାୟକ, ପ୍ରକାଶ ସେଠୀ, ସୁବ୍ରତ ସେନାପତି, ଗୀତାଞ୍ଜଳି ଦଳାଇ, ଅଶୋକ ସିଂହ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ଅଳକା ରାୟ, ଲକ୍ଷ୍ମୀଧର ଦାଶ, ମିହିରକାନ୍ତି ଦାଶ, ସୁଧା ପଟ୍ଟନାୟକ, ସବିତା ଶତପଥୀ, ନିରୁପମା ରାୟ, ଗୁରୁକଲ୍ୟାଣ ଦାସ, ସୁରେଶ କୁମାର ମାଝୀ, ବିରଞ୍ଚି ଶତପଥୀ ଓ ସୁଷମା ଦାସ ପ୍ରମୁଖ ଲେଖା ପାଠ କରିଥିଲେ। ଶେଷରେ ଉପସଭାପତି ବିଭୁତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୁବନେଶ୍ୱର, ଶହିଦ କ୍ଲବର ସାଇ ମନ୍ଦିରରେ ଶ୍ରୀରାମନବମୀ ମହାଆଡମ୍ବରରେ ପାଳନ କରାଯିବା ସହିତ ପ୍ରସାଦ ସେବନ କରାଯାଇଥିଲା । ଏହି ଉତ୍ସବରେ ସାଇ ମନ୍ଦିରର ବିଶ୍ୱରଞ୍ଜନ ରାୟ (ରାଜା), ନବକିଶୋର ମହାଲିକ, ଅଶୋକ ନାୟକ, ଅନସୂୟା ରାୟ, ମନୋରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟବୃନ୍ଦ ସହଯୋଗ କରିଥିଲେ ।

## ଟେକ୍ନୋଲୋଜି ଦୃଷ୍ଟିରୁ ଏଆଇ ସହ ଯୋଡିହେବା ଆମ ସମସ୍ତଙ୍କ ପାଇଁ ଆବଶ୍ୟକ : ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଟେକ୍ନୋଲୋଜି ଦୃଷ୍ଟିରୁ ଏଆଇ ସହ ଯୋଡିହେବ ଆମ ସମସ୍ତଙ୍କ ପାଇଁ ଆବଶ୍ୟକ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସାଇବର ସିକ୍ୟୁରିଟି ଆମ ସମସ୍ତଙ୍କ ପାଇଁ ବଡ଼ ବିପଦ ହୋଇ ଠିଆ ହୋଇଛି । ତା ବିରୁଦ୍ଧରେ କେମିତି କାମ କରାଯିବ କ୍ରାଇମବ୍ରାଞ୍ଚ ଠାରୁ ଆରମ୍ଭ କରି ସାଇବର ସିକ୍ୟୁରିଟି ପର୍ଯ୍ୟନ୍ତ ସେ କଥାକୁ ଆଗକୁ ନେଉଛନ୍ତି । ଏଆଇର ବ୍ୟବହାର ଫଳରେ ୩୦ ଦିନର କାମ ୧୦ ମିନିଟରେ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ନୀତି ପ୍ରଣୟନ ଦିନଠାରୁ ସେବା ଯୋଗ୍ୟତା ଆଧାରରେ ୱାର୍କଚାର୍ଜଡ୍‌ଙ୍କୁ ପେନ୍‌ସନ୍ ଦିଅ : ପୂର୍ତ୍ତ ସଂଗଠନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଡିଏଲ୍‌ଆର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତିରେ ଅବସ୍ଥାପିତ କରାଯିବା ନିମନ୍ତେ ସରକାର ଘୋଷଣା କରିଥିବା ତା ୧୫.୦୫.୧୯୯୭ରିଖର ନୀତି ପ୍ରଣୟନ ଆଧାରରେ ପେନ୍‌ସନ୍ ଓ ଅନ୍ୟାନ୍ୟ ସୁବିଧା ଦେବାକୁ 'ଓଡ଼ିଶା ପୂର୍ତ୍ତ ଅବସର ପ୍ରାପ୍ତ ୱାର୍କଚାର୍ଜଡ/ ରେଗୁଲାର କର୍ମଚାରୀ ସଂଘ ଦାବି କରିଛି । ସଂଘ ସଭାପତି ଅରୁଣ କେଶରୀ ପରିଡ଼ା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ଯେ, ୧୯୭୯ରେ ୱାର୍କଚାର୍ଜଡ୍ ଓ ୧୯୮୧ରେ ଏନ୍‌ଏମ୍‌ଆର ରହିତାଦେଶ ପରେ ପୂର୍ତ୍ତ ବିଭାଗ ସୁପ୍ରିମକୋର୍ଟଙ୍କ ଆଦେଶକୁ ପାଳନ କରି ସେମାନଙ୍କୁ ୧୯୯୨ରେ ଏକକାଳୀନ ସ୍ଥାୟୀ ନିଯକ୍ତିରେ ଅବସ୍ଥାପିତ କଲେ । ସେହିପରି ୧୯୮୧ରୁ ତା ୧୨.୦୪.୧୯୯୩ରିଖ ମଧ୍ୟରେ ଯେତେସବୁ ଡିଏଲ୍‌ଆର କାର୍ଯ୍ୟ କରୁଥିଲେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତିରେ ଅବସ୍ଥାପିତ କରାଯିବା ପାଇଁ ସରକାର ତା ୧୫.୦୫.୧୯୯୭ରିଖରେ ଏକ ନୀତି ପ୍ରଣୟନ କଲେ । ତେବେ ସରକାର ଡିଏଲ୍‌ଆର କର୍ମଚାରୀଙ୍କ ୧୬ ବର୍ଷର କାର୍ଯ୍ୟ ଦକ୍ଷତା ଓ ଅଭିଜ୍ଞତା ତତ୍‌ସହିତ ବହୁ ମକଦ୍ଦମାର ସମ୍ମୁଖୀନ ହେବା ପରେ ୧୫.୦୫.୧୯୯୭ରେ ଏକ ସଂକଳ୍ପପତ୍ର ପ୍ରକାଶ କଲେ ଏବଂ କୋର୍ଟଙ୍କୁ ଜଣାଇଲେ ଯେ ନୀତି ପ୍ରଣୟନ ଘୋଷଣା ହେବା ଦିନଠାରୁ ତିନି ବର୍ଷ ମଧ୍ୟରେ ଖାଲିଥିବା ଗ୍ରୁପ୍ ସି/ଡି ପଦପଦବୀ ଭିତ୍ତିରେ ନିଯୁକ୍ତି ଦିଆଯିବ । ଉଲ୍ଲେଖଯୋଗ୍ୟ ଯେ, ସରକାର ନୀତି ପ୍ରଣୟନକୁ ଅଣଦେଖା କରି ୧୯୯୯ରେ ୭୫ ପ୍ରତିଶତ ମୂଳ ପଦବୀ ଉଚ୍ଛେଦ କଲେ । ଫଳରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରୁଥିବା ଯୋଗ୍ୟତା ସମ୍ପୂର୍ଣ୍ଣ ଡିଏଲ୍‌ଆର କର୍ମଚାରୀଙ୍କୁ ସରକାର ସ୍ଥାୟୀ ନିଯୁକ୍ତି ପରିବର୍ତ୍ତେ ନୀତି ପ୍ରଣୟନ ଘୋଷଣା ହେବାର ୧୪ ବର୍ଷ ବ୍ୟବଧାନ ପରେ ୱାର୍କଚାର୍ଜଡ୍‌କୁ ରୂପାନ୍ତରିତ କଲେ । କେତେକ କର୍ମଚାରୀ କିଛି ବର୍ଷ ରେଗୁଲାର ହୋଇ ବିନା ପେନ୍‌ସନ୍‌ରେ ଚାକିରୀରୁ ଅବସର ନେଉଛନ୍ତି। କେତେକ କର୍ମଚାରୀ ୱାର୍କଚାର୍ଜଡ୍ ଭାବେ କାର୍ଯ୍ୟ କରି ବିନା ପେନ୍‌ସନ୍‌ରେ ଅବସର ନେଇଛନ୍ତି । ହଜାର ହଜାର କର୍ମଚାରୀ ପରିଣତ ବୟସରେ ବଞ୍ଚିବା ପାଇଁ ଓ ପେନସନ୍ ପାଇବା ପାଇଁ ହାଇକୋର୍ଟ ଓ ସୁପ୍ରିମକୋର୍ଟରୁ ଆଦେଶ ପାଇଥିଲେ ମଧ୍ୟ ସରକାର କୋର୍ଟଙ୍କ ଆଦେଶକୁ ହେୟ ମନେକରୁଛନ୍ତି ଓ ଯେଉଁ ମକଦ୍ଦମାରେ ବିଭାଗୀୟ ସଚିବ କୋର୍ଟ ଅବମାନନାର ଶିକାର ହେଉଛନ୍ତି ସେମାନଙ୍କୁ ପେନ୍‌ସନ୍ ଦେଇ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ଯୋଗ୍ୟ ନୁହନ୍ତି ବୋଲି ନଥିରେ ଦର୍ଶାଉଛନ୍ତି । ତେବେ ଇତିମଧ୍ୟରେ ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ୧୯୯୨ ପେନ୍‌ସନ୍ ନିୟମାବଳୀ ଅନୁସାରେ ପେନ୍‌ସନ୍ ଦେବାକୁ ହାଇକୋର୍ଟ ଓ ସୁପ୍ରିମକୋର୍ଟ ସରକାରଙ୍କ ଅପିଲ୍‌କୁ ରଦ୍ଦ କରି ଆଦେଶରେ ଉଲ୍ଲେଖ କରିଛନ୍ତି ଯେ ଯେହେତୁ କର୍ମଚାରୀମାନେ ବହୁ ବର୍ଷ ଧରି ସରକାରଙ୍କୁ ସେବା ଦେଇଛନ୍ତି, ସେମାନଙ୍କ ସାମ୍ବିଧାନିକ ଅଧିକାର ଧାରା-୧୪ ଓ ଧାରା-୧୬ ଅନୁସାରେ ସମାନ ସ୍ଥିତିରେ ଥିବା କର୍ମଚାରୀ ପେନ୍‌ସନ୍ ପାଇବା ପାଇଁ ଯୋଗ୍ୟ । ତେବେ ସରକାର ଘୋଷଣା କରିଥିବା ନୀତି ପ୍ରଣୟନ ଦିନଠାରୁ ସେବା ଯୋଗ୍ୟତା ଦିବସ ଭାବେ ଲାଗୁ କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବାକୁ ମାନ୍ୟବର କୋର୍ଟ ବିଭିନ୍ନ ନ୍ୟାୟିକ ଯୁକ୍ତି ଦର୍ଶାଇଛନ୍ତି । ସରକାର ମକଦ୍ଦମା ଖୋର୍ ନ ହୋଇ ଓ ଅଯଥା ରାଜକୋଷରୁ ଏ ବାବଦରେ ଅର୍ଥ ଖର୍ଚ୍ଚ ନ କରି ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ କରି ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍, ଗ୍ରାଚ୍ୟୁଇଟି ଓ ଅବ୍ୟବହୃତ ଛୁଟି ଦରମା ପ୍ରଦାନ କରିବା ପାଇଁ ସଂଘର ପ୍ରମୁଖ ନେତୃମଣ୍ଡଳୀ ସର୍ବଶ୍ରୀ ଅଶୋକ ଚୌଧୁରୀ, ଭାଗ୍ୟରଥି ପଟ୍ଟନାୟକ, ଜମିଲୁର ରହମନ୍, ପ୍ରତାପ ସେନାପତି, ନରସିଂହ ଆଚାରୀ, ଶିଶିର ସାବତ, ସରୋଜ ପଣ୍ଡା, ରାମଚନ୍ଦ୍ର ଜେନା, ଅଶୋକ ପଟ୍ଟନାୟକ, ସନ୍ତୋଷ ସାହୁ, ବିଜୟ ମିଶ୍ର, ଭଗବାନ ପଣ୍ଡା ପ୍ରମୁଖ ଅନୁରୋଧ କରିଛନ୍ତି ।

## ଅଗ୍ନିକାଣ୍ଡ ଘଟି ବାଛୁରୀ ମୃତ ଗାଈ ଓ ଗୃହ ମାଲିକ ଗୁରୁତର

**ନିଶ୍ଚିନ୍ତକୋଇଲି, ନ୍ୟୁଜ**
ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ କଟକ ଜିଲ୍ଲା ନେମାଳ ଥାନା ଅଧୀନସ୍ଥ ଜନାର୍ଦ୍ଦନପୁର ଗ୍ରାମର ବଟ କୃଷ୍ଣ ବାରିକଙ୍କ ଗୁହାଳ ଘରେ ଆକସ୍ମିକ ଭାବେ ନିଆଁ ଲାଗିଯିବାରୁ ଗୋଟିଏ ଆଠଦିନର ବାଛୁରୀ ଜଳିଯାଇ ମୃତ୍ୟୁ ବରଣ କରିଥିବା ବେଳେ ଗାଈଟି ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ରହିଛି । ଗୃହ ମାଲିକ ବଟ ବାରିକ ଗାଈ ବାଛୁରୀ କୁ ଉଦ୍ଧାର କରିବାକୁ ଯାଇନିଆଁ ରେ ପୋଡିଯାଇ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା କୁ ପଠା ଯାଇଛି । ଘଟଣା ସ୍ଥଳରେ ନିଶ୍ଚିନ୍ତକୋଇଲି ପଶୁ ଚିକିତ୍ସାଳୟର ଚିକିତ୍ସାଧିକାରୀ ଟିମ୍ ସହିତ ଆହତ ଗାଈର ଚିକିତ୍ସା କରିବା ସହ ମୃତ ବାଛୁରୀର ବ୍ୟବଛେଦ କରିଛନ୍ତି । କଳମିଶ୍ରି ସର୍କଲ ଆର ଆଇ ପହଞ୍ଚି ତଦନ୍ତ କରିଛନ୍ତି । ଏହି ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି । ଉକ୍ତ ପରିବାରକୁ କ୍ଷତିପୂରଣ ଦେବାପାଇଁ ସାଧାରଣରେ ଦାବି ହେଉଛି । ସୂଚନା ପାଇ ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ସଭାପତି ରତ୍ନାକର ବାରିକ ଘଟଣା ସ୍ଥଳରେ ପହଞ୍ଚି ସମବେଦନା ଜଣାଇ ସହାୟତା ପାଇଁ ଦାବି କରିଛନ୍ତି ।



## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ତରଫରୁ ରାମନବମୀ ଅବସରରେ ସେବା କାର୍ଯ୍ୟ



**ଭଦ୍ରକ, ନ୍ୟୁଜ ବ୍ୟୁରୋ**
ପବିତ୍ର ରାମନବମୀ ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଭଦ୍ରକ ୟୁନିଟ୍‌ର ରାମନବମୀ କମିଟି ପକ୍ଷରୁ ଏକ ବିଶାଳ ଓ ସୁସଂଗଠିତ ଖାଦ୍ୟ ପାନୀୟ ବଣ୍ଟନ କାର୍ଯ୍ୟକ୍ରମ ଭବ୍ୟ ଭାବେ ଆୟୋଜିତ ହୋଇଥିଲା। ଭଦ୍ରକ ସହରର ଏହି ସେବାମୂଳକ କାର୍ଯ୍ୟକ୍ରମରେ ଲକ୍ଷାଧିକ ଭକ୍ତଙ୍କୁ ସୁସ୍ୱାଦୁ ଖାଦ୍ୟ ଓ ଶୀତଳ ପାନୀୟ ବଣ୍ଟନ କରାଯାଇଥିଲା। ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ଅତ୍ୟନ୍ତ ଶୃଙ୍ଖଳାବଦ୍ଧ, ସମନ୍ୱିତ ଓ ନିଷ୍ଠାପୂର୍ଣ୍ଣ ଭାବରେ ଏହି ବ୍ୟବସ୍ଥାକୁ ସଫଳ କରିଥିଲେ। ଭକ୍ତମାନଙ୍କ ସୁବିଧା, ପରିଷ୍କାରତା ଓ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦେଇ ସମଗ୍ର ବ୍ୟବସ୍ଥାପନା କରାଯାଇଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଶଂସା ଲାଭ କରିଛି। ବିଭିନ୍ନ ସଂଗଠନ ମଧ୍ୟରେ ଏହାକୁ ସର୍ବୋତ୍କୃଷ୍ଟ ବ୍ୟବସ୍ଥାପନା ଭାବେ ଆଲୋଚନା କରାଯାଉଛି। ଏହା ହେଉଛି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଭଦ୍ରକ ୟୁନିଟ୍‌ର ପକ୍ଷରୁ ତୃତୀୟ ବର୍ଷ ଧରି ଅବିରତ ଭାବେ ଆୟୋଜିତ ହେଉଥିବା ଏକ ସେବାମୂଳକ ପ୍ରୟାସ। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆହୁରି ବ୍ୟାପକ, ସୁସଂଗଠିତ ଓ ଲୋକପ୍ରିୟ ହେଉଥିବାରୁ ଏହା ପ୍ରତି ଭକ୍ତମାନଙ୍କ ଆକର୍ଷଣ ବୃଦ୍ଧି ପାଇଛି। ଏହି ପବିତ୍ର ଅବସରରେ ବ୍ୟାଙ୍କର କର୍ମଚାରୀମାନେ ସମାଜ ସେବା, ମାନବିକତା ଓ ଧାର୍ମିକ ଏକତାର ଏକ ଉତ୍କୃଷ୍ଟ ଉଦାହରଣ ସ୍ଥାପନ କରିଛନ୍ତି, ଯାହା ଅନ୍ୟ ସଂଗଠନମାନଙ୍କ ପାଇଁ ପ୍ରେରଣାର ସୂତ୍ର ପାଲଟିଛି ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୯ମାର୍ଚ୍ଚ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ବଡଦାଣ୍ଡ ଓ ଶ୍ରୀମନ୍ଦିର ଆଖପାଖରେ ଖୋଲିବନି ମଦ ଦୋକାନ

**ପୁରୀ, ୨୮/୦୩**
**ନ୍ୟୁଜ ବ୍ୟୁରୋ**



ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଆଖପାଖରେ ଖୋଲିବନି ମଦ ଦୋକାନ। ନୂତନ ଅବକାରୀ ନୀତିରେ ଶ୍ରୀକ୍ଷେତ୍ର ମର୍ଯ୍ୟାଦା ଓ ଗାରିମା ଅକ୍ଷୁଣ୍ଣ ରଖିବାକୁ ଗୁରୁତ୍ୱ। ତିନିବର୍ଷିଆ ମଦ ନୀତିରେ ଅଧ୍ୟାତ୍ମିକ କ୍ଷେତ୍ରର ପବିତ୍ରତାକୁ ଗୁରୁତ୍ୱ ଦିଆଯାଇଥିବାରୁ ସ୍ୱାଗତ କରିଛନ୍ତି ଭକ୍ତ ଓ ଜଗନ୍ନାଥ ସଂସ୍କୃତି ଗବେଷକ। ସେପଟେ ଶ୍ରୀକ୍ଷେତ୍ରର ମହନୀୟତା ରକ୍ଷା କରିବାକୁ ପୁଣି ଆମିଷ ମୁକ୍ତ ପାଇଁ ଉଠିଲା ଦାବି।

ଶ୍ରୀମନ୍ଦିର ଠାରୁ ସାଢ଼େ ତିନି କିଲୋମିଟରର ବଡ଼ଦାଣ୍ଡ। ଏହି ପବିତ୍ର ଦାଣ୍ଡରେ ଗଡ଼ିଥାଏ ଶ୍ରୀଜୀଉଙ୍କ ଦିବ୍ୟ ରଥ। ଏହାର ପବିତ୍ରତା ଓ ଅଧ୍ୟାତ୍ମିକତା ଅକ୍ଷୁଣ୍ଣ ରଖିବା ସହ ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ କୌଣସି ଅବକାରୀ ଦୋକାନ ଚାଲିବ ନାହିଁ। ଏପରି ନୀତି ଆଣିଛନ୍ତି ସରକାର। ଏହାକୁ ସ୍ୱାଗତ କରିଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ଓ ସେବକ।

ପବିତ୍ର ବଡ଼ଦାଣ୍ଡ ଏବେ ହେବ ଅଧିକ ପବିତ୍ର ଓ ନିୟନ୍ତ୍ରିତ। ବଡ଼ଦାଣ୍ଡରେ ଚଳିତ ବର୍ଷ ଠାରୁ ରଥଯାତ୍ରା ସମୟରେ ଖାଦ୍ୟ ପରସା ଯାଇ ପାରିବ ନାହିଁ। ଆଉ ଏବେ ଶ୍ରୀମନ୍ଦିର ପରିସରର ୧ କି.ମି. ମଧ୍ୟରେ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିବ ନାହିଁ। ଏନେଇ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଅବକାରୀ ବିଭାଗକୁ ସୁପାରିସ କରାଯାଇଛି। କିନ୍ତୁ ବଡ଼ଦାଣ୍ଡରେ ମଦ ଭଳି ଆମିଷକୁ ବାରଣ କରିବାକୁ ଏବେ ଦାବି ଜୋର୍ ଧରିଛି। ସେପଟେ ୬ବର୍ଷ ପରେ ତାଳବଣିଆରେ ସ୍ୱଚ୍ଛ ମାଛ ବଜାର ଖୋଲିଛି ସତ ହେଲେ ବଡ଼ଦାଣ୍ଡ ସଂଲଗ୍ନ ଗଳିରେ ବନ୍ଦ ହୋଇନାହିଁ ଆମିଷ ବିକ୍ରି। ଏବେ ବି ମାର୍କେଟ ଛକ ଭଳି ସ୍ଥାନରେ ସଂଲଗ୍ନ ଗଳିରେ ମାଛ ବିକ୍ରି ପର୍ଯ୍ୟଟକଙ୍କୁ ତିକ୍ତ ଅନୁଭୂତି ଦେଉଛି। ବଡ଼ଦାଣ୍ଡରେ ମଦ ଦୋକାନ ନଥିଲେ ମଧ୍ୟ ସଂଲଗ୍ନ ସ୍ଥାନଗୁଡ଼ିକରେ ରହିଛି। ତେବେ ନୂତନ ନୀତି ବଳରେ ଆଗାମୀ ଦିନରେ ଆଉ ପବିତ୍ର ସ୍ଥାନରେ ମଦ ଲାଇସେନ୍ସ ନଦେବା ନିୟମକୁ ଏକ ଉଦାହରଣ ଭାବରେ ନିଆଯାଇପାରେ।

# ଏପ୍ରିଲ୍ ୨ରୁ ଆରମ୍ଭ ହେବ ନୂଆ ଶିକ୍ଷାବର୍ଷ : ଚିନ୍ତାରେ ସିବିଏସ୍ଇ ନବମ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨୮/୦୩ ନ୍ୟୁଜ ବ୍ୟୁରୋ**

ଆଉ ମାତ୍ର କିଛି ଦିନ ପରେ ଆରମ୍ଭ ହେବ ନୂଆ ଶିକ୍ଷା ବର୍ଷ । ଏପ୍ରିଲ୍ ୨ରୁ ନୂଆ ଶିକ୍ଷା ବର୍ଷର ପାଠପଢ଼ା ଆରମ୍ଭ ହେବ। ହେଲେ ଏଯାଏ ମିଳୁନି ଜାତୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦର ପାଠ୍ୟପୁସ୍ତକ । ଏନ୍‌ସି ଇଆରଟି ନବମ ଶ୍ରେଣୀ ପାଠ୍ୟପୁସ୍ତକର ବିକାଶ କରୁଛି। ଫଳରେ ପୂର୍ବ ପ୍ରଚଳିତ ପାଠ୍ୟପୁସ୍ତକରେ ପରିବର୍ତ୍ତନ କରାଯିବ। ତେଣୁ ନୂଆ ବହି କେବେ ଆସିବ ତାକୁ ଅପେକ୍ଷା କରିଛନ୍ତି ଅଭିଭାବକ। ବଜାରରେ ବହି ମିଳୁନି କି ଏନ୍‌ସିଇଆରଟି ଆଞ୍ଚଳିକ କେନ୍ଦ୍ରକୁ ଗଲେ ମଧ୍ୟ କୌଣସି ଉତ୍ତର ମିଳୁନି । ଏପଟେ ଏପ୍ରିଲ୍ ୨ରୁ ପାଠପଢ଼ା ଆରମ୍ଭ ହେବ। ପିଲା କିପରି ପଢ଼ିବେ ବୋଲି ମଧ୍ୟ ଅଭିଭାବକ ଓ ଶିକ୍ଷକ ଚିନ୍ତାରେ ଅଛନ୍ତି । ନିକଟରେ ଏନ୍‌ସିଇଆରଟି ପକ୍ଷରୁ ଜାରି ହୋଇଛି ଏକ ନିର୍ଦ୍ଦେଶନାମା । ଯେଉଁଥିରେ ଉଲ୍ଲେଖ ହୋଇଛି, ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ସମସ୍ତ ସ୍କୁଲ ପାଠ୍ୟପୁସ୍ତକର ବିକାଶ ହେଉଛି। ନ୍ୟାସନାଲ କରିକୁଲମ ଫ୍ରେମ୍‌ୱାର୍କ ଫର ସ୍କୁଲ ଏଜୁକେସନ (ଏନସିଏଫ୍-ଏସ୍ଇ)-୨୦୨୩ ଆଧାରରେ ଏହି ସମସ୍ତ ପାଠ୍ୟପୁସ୍ତକକୁ ବିକାଶ କରାଯାଉଛି । ତେବେ ଏନ୍‌ସିଇଆରଟି ପ୍ରସ୍ତୁତି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସମସ୍ତ ପାଠ୍ୟପୁସ୍ତକର ବିକାଶ ଶେଷ ହୋଇଛି। ଏହି ବହି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ୍ ଉପଲବ୍ଧ ରହିଛି । ନବମ ଶ୍ରେଣୀର ବହି ଏବେବି ବିକାଶ କରାଯାଉଛି । ନବମ ଶ୍ରେଣୀ ପାଠ୍ୟପୁସ୍ତକ ବିକାଶ କାର୍ଯ୍ୟ ଶେଷ ହୋଇନି । ଡ୍ରାଫ୍ଟ ସିଲାବସ୍ ଏନ୍‌ସିଇଆରଟି ୱେବସାଇଟ୍‌ରେ ଉପଲବ୍ଧ ରହିଛି । ଏହାକୁ ବର୍ତ୍ତମାନ ରେଫରେନ୍ସ ଓ ଫିଡବ୍ୟାକ୍ ପାଇଁ ବ୍ୟବହାର କରିହେବ । ଏନସିଇଆରଟି ସମସ୍ତ ଶିକ୍ଷକଙ୍କୁ ଏହା ମଧ୍ୟ ପରାମର୍ଶ ଦେଇଛି ଯେ, ନୂଆ ସିଲାବସ୍ ଓ ନୂଆ ପାଠ୍ୟପୁସ୍ତକ ଅନୁଯାୟୀ ପାଠ ପଢ଼ାଅ । ଖୁବ୍‌ଶୀଘ୍ର ବଜାରକୁ ଏନ୍‌ସିଇଆରଟି ନୂଆ ପାଠ୍ୟପୁସ୍ତକ ଆସିବ ବୋଲି ଏନ୍‌ସିଇଆରଟିର ବରିଷ୍ଠ ଅଧିକାରୀ ମଧ୍ୟ ଆଶ୍ୱାସନା ଦେଇଛନ୍ତି । ଅଭିଭାବକଙ୍କ ଅଭିଯୋଗ, ଏନ୍‌ସିଇଆରଟ ବହି ବିକାଶ କାର୍ଯ୍ୟ ନୂଆ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ସାରିବା କଥା । ଆସନ୍ତା ୧ତାରିଖରୁ ସାରା ଦେଶରେ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେବ । ଓଡ଼ିଶାରେ ୨ ତାରିଖରୁ ଆରମ୍ଭ ହେବ । ଏଯାଏ ଏନ୍‌ସିଇଆରଟି ବହି ମିଳୁନି। ତେବେ କିପରି ପାଠ ପଢ଼ିବେ ପିଲା ବୋଲି ପ୍ରଶ୍ନ କରିଛନ୍ତି । ଏପଟେ ବଜାରରେ କେବଳ ପୂର୍ବ ପ୍ରକାଶିତ ବହି ମିଳୁଛି । ଅନେକ ଛାତ୍ରଛାତ୍ରୀ ନବମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଦଶମକୁ ଯାଇ ଥିବା ପିଲାଙ୍କ ବହିକୁ ଆଣି ପଢୁଛନ୍ତି । କିନ୍ତୁ ଯଦି ବହି ବିଳମ୍ବରେ ଆସେ ତେବେ ପାଠପଢ଼ାରେ ବିଳମ୍ବ ହେବ ବୋଲି ଆଶଙ୍କା କରାଯାଉଛି । ଏନ୍‌ସିଇଆରଟି ଏହା ମଧ୍ୟ କହିଛି, ଆସନ୍ତା ୨୦୨୭-୨୮ ଶିକ୍ଷାବର୍ଷରେ ଉଭୟ ଦଶମ ଓ ଏକାଦଶ ଶ୍ରେଣୀର ପାଠ୍ୟପୁସ୍ତକରେ ପରିବର୍ତ୍ତନ ହେବ।

# ଦିଲ୍ଲୀ ଐତିହ୍ୟସ୍ଥଳ ସ୍ଥିତି ନେଇ ଏଏସ୍ଆଇକୁ ସୁପ୍ରିମକୋର୍ଟଙ୍କ ଅବମାନନା ନୋଟିସ୍



**ନୂଆଦିଲ୍ଲୀ, ୨୮/୦୩**

ଦିଲ୍ଲୀର ୧୭୩ଟି ଅଧିସୂଚିତ ଐତିହ୍ୟ ସ୍ଥଳର ସଂରକ୍ଷଣ ସ୍ଥିତି ଉପରେ ଜବାବ ଦାଖଲ ନକରିବା ଯୋଗୁଁ ସୁପ୍ରିମକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)କୁ କୋର୍ଟ ଅବମାନନା ନୋଟିସ ଜାରି କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଏଏସଆଇ ମହାନିର୍ଦ୍ଦେଶକଙ୍କୁ ଆସନ୍ତା ମାସରେ ବ୍ୟକ୍ତିଗତ ଭାବରେ କୋର୍ଟରେ ହାଜର ହେବାକୁ ସମନ ଜାରି କରିଛନ୍ତି। ଚଳିତ ସପ୍ତାହରେ ଅପଲୋଡ୍ ହୋଇଥିବା ମାର୍ଚ୍ଚ ୧୬ ତାରିଖରେ ପାସ୍ ହୋଇଥିବା ଏକ ଆଦେଶରେ ବିଚାରପତି ଆହସାନୁଦ୍ଦିନ ଅମାନୁଲ୍ଲା ଏବଂ ଏନ୍ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ମହାନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। କାହିଁକି କୋର୍ଟ ତାଙ୍କ ବିରୋଧରେ ଅବମାନନା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେ ନାହିଁ, ଏଥିପାଇଁ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କୁ ପରବର୍ତ୍ତୀ ତାରିଖରେ କୋର୍ଟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ମାସରେ କୋର୍ଟ ରାଜଧାନୀରେ ଅଧିସୂଚିତ ଐତିହ୍ୟ ସ୍ଥଳ ପରିଚାଳନା କରୁଥିବା ବିଭିନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ସ୍ଥିତି ରିପୋର୍ଟ ମଗାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

୨୦୨୧ ଇନ୍‌ଟାକ୍ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରେ ୧୧୦୦ ବିଜ୍ଞପିତ ଐତିହ୍ୟସ୍ଥଳ ରହିଛି। ତେବେ ୧୭୩ଟି ଐତିହ୍ୟସ୍ଥଳ ଏଏସ୍ଆଇ ତତ୍ତ୍ୱାବଧାନରେ ରହିଛି। ଅନ୍ୟଗୁଡ଼ିକ ଦିଲ୍ଲୀ ପ୍ରତ୍ନତାତ୍ତ୍ୱିକ ବିଭାଗ, ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ (ଏମ୍‌ଡିଏମ୍‌ସି) ଓ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ ଅଧୀନରେ ଆସୁଛି । ଏହି ରିପୋର୍ଟକୁ ଧ୍ୟାନରେ ରଖି କୋର୍ଟ ଫେବୃୟାରୀ ୨ରେ ସମସ୍ତ ସମ୍ପୃକ୍ତ ଏଜେନ୍ସିକୁ ଜିଓ-ମ୍ୟାପିଂ ଏବଂ ଫଟୋଗ୍ରାଫ୍ ସହିତ ସ୍ମାରକୀଗୁଡ଼ିକର ସ୍ଥାନ, ସଂରକ୍ଷଣ ସ୍ଥିତି ଏବଂ ରକ୍ଷଣାବେକ୍ଷଣ ବିଷୟରେ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମାର୍ଚ୍ଚ ୧୬ ତାରିଖରେ ଏଏସ୍ଆଇ ବ୍ୟତୀତ ଅନ୍ୟ ସମସ୍ତ ସଂସ୍ଥା ସେମାନଙ୍କ ଜବାବ ଦାଖଲ କରିଥିଲେ। ଖଣ୍ଡପୀଠ ଏ ନେଇ ଏଏସ୍ଆଇକୁ କୋର୍ଟ ଅବମାନନା ନୋଟିସ ଜାରି କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩ରେ ରଖିଛନ୍ତି। କୋର୍ଟଙ୍କୁ ଆମିକସ୍ କ୍ୟୁରି ବରିଷ୍ଠ ଓକିଲ ଗୋପାଳ ଶଙ୍କରାନାରାୟଣନ ସହାୟତା କରିଥିଲେ ।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଭାରତୀୟ ସ୍ଥଳସେନା ମୁଖ୍ୟ : ବୁଲି ଦେଖିଲେ କୋଇଲି ବୈକୁଣ୍ଠ ଓ ରୋଷଘର

# 'ଭାରତୀୟ ସେନା ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ରହୁ'

**ପୁରୀ, ୨୮/୦୩**
**ନ୍ୟୁଜ ବ୍ୟୁରୋ**



ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ପୁରୀ ଗସ୍ତରେ ଆସି ସପତ୍ନୀକ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ଏଥିସହ ମା' ବିମଳା, ଲକ୍ଷ୍ମୀ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଛନ୍ତି । ଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରୀମନ୍ଦିରରେ ସ୍ଥଳ ସେନାମୁଖ୍ୟ ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲାପାଳ ଓ ପୁରୀ ଏସ୍‌ପି ତାଙ୍କୁ ସ୍ୱାଗତ ଜଣାଇଥିଲେ । ଏହା ପରେ ମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତୀ ଦର୍ଶନ କରିଥିଲେ । ଏହା ପରେ ପାର୍ଶ୍ୱ ଦେବାଦେବୀଙ୍କ ମନ୍ଦିର ସହିତ କୋଇଲି ବୈକୁଣ୍ଠ ବୁଲି ଦେଖିଥିଲେ । ଏଥିସହ ମହାପ୍ରଭୁଙ୍କ ରୋଷଘର ଦେଖି ସେ ଖୁବ ଆନନ୍ଦ ଅନୁଭବ କରିଥିଲେ । ଦର୍ଶନ ପରେ ସେନାମୁଖ୍ୟଙ୍କୁ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ, ବାନା ଓ ମହାପ୍ରସାଦ ଆଦି ପ୍ରଦାନ କରାଯାଇଥିଲା ।

ମହାପ୍ରଭୁଙ୍କ ଦର୍ଶନ ପରେ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, 'ପୁରୀକୁ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସୁଯୋଗ ମିଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି । ଆଗାମୀ ଦିନରେ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ଭାରତୀୟ ସେନା ଉପରେ ମହାପ୍ରଭୁଙ୍କ ଆଶୀର୍ବାଦ ରହୁ ବୋଲି ମୁଁ ଆଜି ପ୍ରାର୍ଥନା କରିଛି । ତାଙ୍କ କୃପାରୁ ଭାରତୀୟ ସେନା ଆଗାମୀ ଦିନରେ ଆସୁଥିବା ଯେକୌଣସି ଚ୍ୟାଲେଞ୍ଜକୁ ସଫଳ ଭାବେ ମୁକାବିଲା କରିପାରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଥିବା ସେ କହିଥିଲେ ।'

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ସୋମନାଥ ଖୁଣ୍ଟିଆ କହିଛନ୍ତି, 'ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ନିଜ ପତ୍ନୀ ସହ ଆସି ଶ୍ରୀ ମନ୍ଦିରରେ ରତ୍ନ ସିଂହାସନରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ପରେ ଶ୍ରୀମନ୍ଦିର ମୁକ୍ତି ମଣ୍ଡପ, ମା' ବିମଳା, ଲକ୍ଷ୍ମୀଙ୍କ ମନ୍ଦିର ସମେତ ବିଭିନ୍ନ ପାର୍ଶ୍ୱ ଦେବଦେବୀ ମନ୍ଦିର ବୁଲି ଦର୍ଶନ କରିଥିଲେ । ଶ୍ରୀମନ୍ଦିର ରୋଷଶାଳା, କୋଇଲି ବୈକୁଣ୍ଠକୁ ମଧ୍ୟ ବୁଲି ଦେଖିଥିଲେ। ଭାରତବାସୀଙ୍କ ଉନ୍ନତି ଓ ଭାରତୀୟ ସେନା ପାଇଁ ମହାପ୍ରଭୁଙ୍କୁ ସେ ପ୍ରାର୍ଥନା କରିଥିଲେ ବୋଲି ବରିଷ୍ଠ ସେବାୟତ ଶ୍ରୀ ଖୁଣ୍ଟିଆ କହିଛନ୍ତି।'

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, 'ସ୍ଥଳସେନା ମୁଖ୍ୟ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଭାରତବାସୀଙ୍କ ମଙ୍ଗଳ କାମନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥଳସେନା ମୁଖ୍ୟଙ୍କୁ ସ୍ୱାଗତ କରାଯିବା ସହ ଉପହାର ସ୍ୱରୂପ ମହାପ୍ରଭୁଙ୍କ ବାନା, ମହାପ୍ରସାଦ, ପ୍ରଭୁ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରାଯାଇଛି।'

ସୂଚନା ଯୋଗ୍ୟ ଯେ, ତାଳବଣିଆ ହେଲିପ୍ୟାଡରୁ ସେ ସକାଳ ୯ଟା ୨୦ରେ ଗୋପାଳପୁରର ମିଲିଟାରି ଷ୍ଟେସନ (ଜିଏମ୍‌ଏସ୍) ଅଭିମୁଖେ ବାହାରିଥିଲେ । ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଏମ୍‌ଏସ୍ ହେଲିପ୍ୟାଡରୁ ରାସ୍ତାରେ ଗୋପାଳପୁରର ସି ବ୍ରିଜ୍ ଯାଇଥିଲେ । ଏଏଡିସି ମୁଖ୍ୟାଳୟରେ ଜେନେରାଲ ଦ୍ୱିବେଦୀ ସେନା ତାଲିମ୍ ବ୍ୟବସ୍ଥା ପରଖିଥିଲେ । ସେଠାରେ ପୁରୁଖା ସୈନିକମାନଙ୍କୁ ସମ୍ମାନିତ କରିବା ସହ ଷ୍ଟେସନ ଅଫିସରଙ୍କ ସହ ଆଲୋଚନା କରିଥିଲେ । ଫିଲ୍ଡ ଫାୟାରିଂ ରେଞ୍ଜରେ ଲାଇଭ୍ ଫାୟାରିଂ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଛି । ସନ୍ଧ୍ୟାରେ ସେନା ଅଧିକାରୀ ଓ ପୂର୍ବତନ ସୈନିକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଗୋପାଳପୁରରେ ରାତ୍ରିଯାପନ କରି ରବିବାର ସକାଳ ୮ଟା ୧୦ରେ ଗୋପାଳପୁରରୁ ହେଲିକପ୍ଟରରେ ଭୁବନେଶ୍ୱର ବିମାନବନ୍ଦରକୁ ଫେରି ସେଠାରୁ ଦିଲ୍ଲୀ ଫେରିଯିବେ ବୋଲି ସୂଚନା ମିଳିଛି।

# କଟକ ସହରରେ ଜଣ୍ଡିସ ଆତଙ୍କ : ୧୦ ଆକ୍ରାନ୍ତ

**କଟକ, ୨୮/୦୩**
**ନ୍ୟୁଜ ବ୍ୟୁରୋ**

କଟକରେ ପୁଣି କାୟା ବିସ୍ତାର କରିଛି ଜଣ୍ଡିସ। ସିଡିଏ ୧୧ ନମ୍ବର ରିଙ୍ଗ ବନ୍ଧ ତଳେ ଥିବା ଗାଙ୍ଗୁଲି ବସ୍ତି ଓ ବାଇଗଣୀ ବସ୍ତିରେ ୧୦ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ମେଡିକାଲ ଟିମ୍ ବସ୍ତିରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରୁଛି। କିଛି ଦିନ ବ୍ୟବଧାନ ପରେ ପୁଣି କଟକରେ ଜଣ୍ଡିସ ଆତଙ୍କ ଖେଳାଇଛି। ଦୂଷିତ ପାନୀୟ ଜଳ ଯୋଗୁ ସିଡିଏ ୧୧ ନମ୍ବର ରିଙ୍ଗ ବନ୍ଧ ତଳେ ଥିବା ଗାଙ୍ଗୁଲି ବସ୍ତି ଓ ବାଇଗଣୀ ବସ୍ତିରେ ଜଣ୍ଡିସ ବ୍ୟାପୁଛି ବୋଲି ଜଣାପଡ଼ିଛି। ଶୁକ୍ରବାର ୨୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ଶନିବାର ସକାଳୁ ମଧ୍ୟ ରକ୍ତ ପରୀକ୍ଷା କରାଯାଇଛି। ଏଥିସହ ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। କିଛି ଦିନ ତଳେ ୧୦ ନମ୍ବର ଏବଂ ୧୨ ନମ୍ବର ୱାର୍ଡର ମାନସିଂହପାଟଣା, ମସ୍ତରାମମଠ ଗଳି ଓ କାଫଲା ବଜାର ଅଞ୍ଚଳରେ ଜଣ୍ଡିସ ବ୍ୟାପିଥିଲା। ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଜାରି ରହିଛି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ସିଏମସି ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଯାହା ଫଳରେ ବର୍ତ୍ତମାନ ଜଣ୍ଡିସ ବ୍ୟାପୁଛି ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ କଟକରେ ଏଭଳି ବାରମ୍ବାର ଜଣ୍ଡିସ ବ୍ୟାପିବାକୁ ନେଇ ଜୋର ଧରିଛି ରାଜନୀତି। ବାରମ୍ବାର ଜଣ୍ଡିସ ବ୍ୟାପିବା ଏବେ ସିଏମସି ପାଇଁ ଚିନ୍ତାର କାରଣ ପାଲଟିଛି। କେଉଁଦିନ କଟକ ସହରରେ ପାନୀୟ ଜଳ ସମସ୍ୟାର ସମାଧାନ ହେବ ତାହା ଦେଖିବାକୁ ବାକି ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୮/୦୩/୨୦୨୬
୪,୯୪,୯୮୯/- ଟଙ୍କା
ସୁନା:-୦୫ଗ୍ରାମ୍‌୩୫୦ ମିଲିଗ୍ରାମ
ରୂପା:-୧୬ଗ୍ରାମ୍‌୩୦୦ ମିଲିଗ୍ରାମ

# ବୀରତା ସମ୍ମାନରେ ସମ୍ମାନିତ ହେଲେ ଓଡ଼ିଆ ପୁଅ ସ୍ୱରୂପ ଅଞ୍ଜନ

**ନିମାପଡା, ୨୮/୦୩**
**ନ୍ୟୁଜ ବ୍ୟୁରୋ**



ଏ ପବିତ୍ର ମାଟିର ଅନେକ ସନ୍ତାନ ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗ କରି ଇତିହାସ ରଚିଛନ୍ତି। ଏହି କ୍ରମରେ ପୁଣି ଜଣେ ଓଡ଼ିଆ ପୁଅ ନିଜର ଅସାମାନ୍ୟ ସାହସିକତା ପାଇଁ ସାରା ଦେଶରେ ରାଜ୍ୟର ଟେକ ରଖିଛନ୍ତି। ସେ ହେଉଛନ୍ତି ପୁରୀ ଜିଲ୍ଲା ପିପିଲିର ସୁଯୋଗ୍ୟ ସନ୍ତାନ ମେଜର ସ୍ୱରୂପ ଅଞ୍ଜନ ବେହେରା।

ନିକଟରେ ଉଧାମପୁରଠାରେ ଆୟୋଜିତ ଉତ୍ତର କମାଣ୍ଡ ବୀରତା ସମ୍ମାନ ସମାରୋହ-୨୦୨୬ରେ ମେଜର ସ୍ୱରୂପ ଅଞ୍ଜନ ବେହେରାଙ୍କୁ ଭାରତୀୟ ସେନାର ମର୍ଯ୍ୟାଦାଜନକ 'ସେନା ମେଡାଲ' ପ୍ରଦାନ କରାଯାଇଛି। ସେନା ପକ୍ଷରୁ ହୋଇଥିବା ଅପରେସନ ସମୟରେ ସେ ଦେଖାଇଥିବା ଅଦମ୍ୟ ସାହସ, କର୍ତ୍ତବ୍ୟନିଷ୍ଠା ଏବଂ ଉଲ୍ଲେଖନୀୟ ସଫଳତା ପାଇଁ ଏହି ଗୌରବମୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଗ୍ରହଣ ସମୟରେ ତାଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ରହି ସେହି ଭାବପୂର୍ଣ୍ଣ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ।

ସ୍ୱର୍ଗତ ଗୀତିମୟ ବେହେରା ଓ ମାତା ସଞ୍ଜୁକ୍ତା ବେହେରାଙ୍କ ପୁଅ ସ୍ୱରୂପ ପିଲାଦିନୁ ହିଁ ଜଣେ ମେଧାବୀ ଏବଂ ଶୃଙ୍ଖଳିତ ଛାତ୍ର ଥିଲେ। ସେ ନିଜର ପ୍ରାଥମିକ ଶିକ୍ଷା ଭୁବନେଶ୍ୱରର ଗୁରୁକୁଳରୁ ଆରମ୍ଭ କରିଥିଲେ ଏବଂ ପରେ ବିଜେଇଏମ୍ ସ୍କୁଲରୁ ଶିକ୍ଷା ସମାପ୍ତ କରିଥିଲେ। ଏହାପରେ ସେ ସିଭିଲ୍ ଇଞ୍ଜିନିୟରିଂରେ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ।

ଇଞ୍ଜିନିୟରିଂ ପଢ଼ିବା ସମୟରେ ହିଁ ସ୍ୱରୂପଙ୍କ ମନରେ ଦେଶସେବା ପାଇଁ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା। ସେ ସେହି ସମୟରେ ଏସ୍‌ସିସି ସହ ଜଡ଼ିତ ହୋଇ ନିଜକୁ ଜଣେ ସୈନିକ ଭାବେ ଗଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ। ତାଙ୍କର ଏହି ନିଷ୍ଠା ତାଙ୍କୁ ଚେନ୍ନାଇ ସ୍ଥିତ ଓଟିଏରେ ପହଞ୍ଚାଇଥିଲା। ୨୧ ନଭେମ୍ବର ୨୦୨୦ରେ ଆୟୋଜିତ 'ପାସିଂ ଆଉଟ୍ ପରେଡ୍' ପରେ ସେ ଜଣେ ଅଧିକାରୀ ଭାବେ ଭାରତୀୟ ସେନାରେ ଯୋଗ ଦେଇଥିଲେ।

ମେଜର ସ୍ୱରୂପଙ୍କ ଏହି ସଫଳତା କେବଳ ତାଙ୍କ ପରିବାର କିମ୍ବା ପିପିଲି ଅଞ୍ଚଳ ପାଇଁ ନୁହେଁ ବରଂ ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଜଣେ ସାଧାରଣ ପରିବାରରୁ ଆସି ନିଜର ପରିଶ୍ରମ ଓ ଏକାଗ୍ରତା ବଳରେ ସେନାବାହିନୀରେ ଏଭଳି ଏକ ସମ୍ମାନଜନକ ପଦବୀ ଓ ମେଡାଲ ହାସଲ କରିବା ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା। ଦେଶର ସୁରକ୍ଷା ପାଇଁ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ଏହି ବୀର ଓଡ଼ିଆ ପୁଅଙ୍କ ପାଇଁ ଆଜି ଓଡ଼ିଶା ଆତ୍ମହରା। ତାଙ୍କର ଏହି ସାହସିକ କାହାଣୀ ଆଗାମୀ ଦିନରେ ଅନେକ ଯୁବକଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିବ, ଏଥିରେ ସନ୍ଦେହ ନାହିଁ।

# ପୁଣି ରକ୍ତରେ ଭିଜିଲା ପୁରୀ : ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା

**ପୁରୀ ୨୮।୦୩ ନ୍ୟୁଜ ବ୍ୟୁରୋ**

ଅଶାନ୍ତ ପୁରୀ । ପୁଣି ଗଡ଼ିଲା ମୁଣ୍ଡ। ପୁରୀ ପେଣ୍ଟକଟା ଧୋବାଖାଲରେ ଗଡ଼ିଛି ମୁଣ୍ଡ । ଯେଉଁଠି ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ପୁରୀରେ ପୁଣି ଥରେ ଗଡ଼ିଲା ମୁଣ୍ଡ। ପେଣ୍ଟକଟା ଧୋବାଖାଲରେ ଗଡ଼ିଲା ମୁଣ୍ଡ। ଯୁବକଙ୍କୁ ଅତି ନିର୍ମମ ଭାବେ କରାଯାଇଛି ହତ୍ୟା। ମୃତ ଯୁବକ ବଡ଼ଶଙ୍ଖ ଅଞ୍ଚଳର ବୋଲି ଜଣାପଡିଛି। ସେପଟେ ହତ୍ୟାକାଣ୍ଡ ସଂପର୍କରେ ସୂଚନାପାଇ ସମୁଦ୍ରକୂଳ ଥାନା ପୋଲିସ ଓ ସିଟି ଡିଏସପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାସହ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ହସ୍ପିଟାଲକୁ ପଠାଇଛି ପୋଲିସ। ସେହିପରି ପୋଲିସ ମଧ୍ୟ ଘଟଣାର ତଦନ୍ତ ଜାରି ରଖିଛି । ବର୍ତ୍ତମାନ ଯାଏଁ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ। ପୋଲିସ ତଦନ୍ତ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ପୁରୀରେ ସମୁଦ୍ର ସ୍ନାନ ବେଳେ ଜଣେ ଯୁବକ ବୁଡ଼ି ଯାଇ ନିଖୋଜ ଥିଲେ। ସମୁଦ୍ରକୂଳ ସେକ୍ଟର-୪ରେ ତାଙ୍କର ମିଳିଲା ମୃତଦେହ। ମୃତ ଯୁବକ ଜଣକ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ କୋପଣ୍ଡା ଗ୍ରାମର ଶୁଭେନ୍ଦ୍ର ପ୍ରଧାନ(୧୮)। ଏନେଇ ସ୍ଥାନୀୟଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମେଡିକାଲକୁ ପଠାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଛୁଟି ଥିବାରୁ ଶୁଭେନ୍ଦ୍ର ସମୁଦ୍ର ସ୍ନାନ ସହ ପୁରୀର ବିଭିନ୍ନ ସ୍ଥାନ ବୁଲିବା ନିମନ୍ତେ ୫ ଜଣ ଯୁବକଙ୍କ ସହ ଆସିଥିଲେ । ଦିଗବାରିଣୀ ଛକ ନିକଟ ତଥା ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ଏହି ସାଙ୍ଗମାନେ ସମୁଦ୍ର ସ୍ନାନ କରୁଥିଲେ । ଏଠାରେ ଭିତର ସ୍ରୋତ ପ୍ରଖର ଥିବାରୁ ସମୁଦ୍ର ସ୍ନାନ ବାରଣ ଥିଲା। ମାତ୍ର ଉକ୍ତ ଯୁବକମାନେ ଏହାକୁ ଅଣଦେଖା କରି ସମୁଦ୍ର ସ୍ନାନ କରିଥିଲେ । କୂଳ ଠାରୁ ସମୁଦ୍ରର କିଛି ଭିତରକୁ ଯାଇ ସମସ୍ତେ ମଉଜ କରୁଥିବା ବେଳେ ଜଣେ ହଠାତ୍ ଲହଡ଼ି ସହ ଭିଡ଼ି ହୋଇ ଚାଲି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରି ଶୁଭେନ୍ଦ୍ରଙ୍କ ସନ୍ଧାନ ନ ପାଇବାରୁ ଲାଇଫ୍ ଗାର୍ଡଙ୍କୁ ଜଣାଇଥିଲେ। ଲାଇଫ୍ ଗାର୍ଡମାନେ ସମୁଦ୍ର ସ୍ରୋତ ଭିତରେ ବୁଡ଼ି ଉକ୍ତ ଯୁବକଙ୍କୁ ଖୋଜିଥିଲେ। ହେଲେ ତାଙ୍କର ସନ୍ଧାନ ମିଳିନଥିଲା। ଏନେଇ ତାଙ୍କ ସହ ଆସିଥିବା ସାଙ୍ଗ ଯାଜପୁର ମୁଣ୍ଡମାଳର ଅମୂଲ୍ୟ ପାତ୍ର ଓ ଅନ୍ୟମାନେ ଲାଇଫ୍ ଗାର୍ଡ ଅଫିସ୍ ଓ ସମୁଦ୍ରକୂଳ ଥାନାକୁ ସୂଚନା ଦେଇଥିଲେ। ତେବେ ଶନିବାର ସକାଳେ ଶୁଭେନ୍ଦ୍ର ପ୍ରଧାନଙ୍କ ମୃତଦେହ ସମୁଦ୍ର କୂଳରେ ଲାଗିଥିଲା।



## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଜୀବନ ନୁହେଁ ମୃତ୍ୟୁକୁ ବାଛୁଛନ୍ତି ଯୁବପିଢ଼ି : ଗୋଟିଏ ଦିନରେ ୩ଜଣଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୨୮/୦୩ ନ୍ୟୁଜ ବ୍ୟୁରୋ

ଦେହରେ କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରାଯାଇଛି । ରାଜ୍ୟର ୩ଟି ଜାଗାରୁ ଏପରି ଅଭାବନୀୟ ଖବର ସାମ୍ନାକୁ ଆସିଛି । ଭୁବନେଶ୍ୱରରେ ଜଣେ ଯୁବକ ନିଜ ଦେହରେ ଆତ୍ମହତ୍ୟା ଉଦ୍ୟମ କରିବା ପରେ ଏବେ ଏମ୍‌ସରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ସେପଟେ ଆସ୍କାରେ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେହିପରି ବାଙ୍କୀରେ ମଧ୍ୟ ଜଣେ ଯୁବକ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି।

ଭୁବନେଶ୍ୱର, ଆସ୍କା ଓ ବାଙ୍କୀରୁ ଆସିଛି ଏଭଳି ଛାତିକୁ ଥରାଇ ଦେବା ଭଳି ଖବର । ଆତ୍ମହତ୍ୟା ଉଦ୍ୟମ କରି ୩ ଜଣ ଏବେ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଆସ୍କା କୋଟିନଡାରେ ଅଭାବନୀୟ ଘଟଣା ଘଟିଛି। ଦେହରେ କିରୋସିନ ଢାଳି ନିଆଁ ଲଗାଇ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯୁବତୀଙ୍କ ଶରୀରର ୫୦ ପ୍ରତିଶତ ପୋଡି ଯାଇଛି । ତେବେ କାହିଁକି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ତାହା ସ୍ପଷ୍ଟ ହୋଇନି ।

ସେପଟେ ବାଙ୍କୀ ଥାନା ଅନ୍ତର୍ଗତ ବିଲିପଡ଼ା-ତାଳବସ୍ତ ରାସ୍ତାର ତାରିଣୀ ମନ୍ଦିର ନିକଟରେ ପେଟ୍ରୋଲ ଢାଳି ଜଣେ ଯୁବକ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍କୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକ ଜଣକ ହେଲେ ତାଳବସ୍ତ ଗାଁର ସୌମ୍ୟରଞ୍ଜନ ବାରିକ। ତେବେ ଯୁବକ ଜଣକ କାହିଁକି ଆତ୍ମହତ୍ୟା ଉଦ୍ୟମ କଲେ, ତାହାର ବି କାରଣ ଏଯାଏଁ ଜଣାପଡିନି।

ରାଜଧାନୀ ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ବାପୁଜୀନଗର ଅଞ୍ଚଳରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକ ଏବେ ଏମ୍‌ସରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଆତ୍ମହତ୍ୟା ଉଦ୍ୟମ କରି ସେ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା, ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ପାରିବାରିକ କଳହରୁ କେଦାରପଲ୍ଲୀ ବସ୍ତିର ସୁଶାନ୍ତ ନାୟକ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ମା' କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବେଳେ ସେ ରାଜମହଲ ଛକ ପାଖ ଏକ ହୋଟେଲ ନିକଟସ୍ଥ ପାର୍କିଂରେ ଥିଲେ । ଏକ ବ୍ୟାଗରେ ଭର୍ତ୍ତି କରି ବୋତଲରେ ପେଟ୍ରୋଲ ଆଣିଥିଲେ । ପ୍ରଥମେ ସ୍ଥାନୀୟ ଲୋକଙ୍କ ସହ ସେ କଥା ହୋଇଥିଲେ । ପରେ ଏକା ଥିବାରୁ ସୁଶାନ୍ତ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ । ଫଳରେ ସେ ପୋଡ଼ିଯାଇ ଯନ୍ତ୍ରଣାରେ ଛଟପଟ ହେବା ସହ ଚିତ୍କାର କରିଥିଲେ । ତୁରନ୍ତ ସ୍ଥାନୀୟ ଲୋକେ ନିଆଁ ଲିଭାଇଥିଲେ । ଖବରପାଇ ପୋଲିସ ପହଞ୍ଚି ସୁଶାନ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

ଗୋଟିଏ ଦିନରେ ରାଜ୍ୟର ୩ଟି ଜାଗାରୁ ଆତ୍ମହତ୍ୟା ଉଦ୍ୟମ ଘଟଣା ସାମ୍ନାକୁ ଆସିବା ଚିନ୍ତା ବଢ଼ାଇଛି ।



ସେହିପରି ଗତ ମାର୍ଚ୍ଚ ୨୦ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଣ୍ଡପ ସାହିରେ ଏଭଳି ସମାନ ଘଟଣା ଘଟିଥିଲା । ୩୨ ବର୍ଷୀୟ କୁନା ଦାସ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । କୁନାଙ୍କ ଶରୀର ୪୦ରୁ ୫୦ ପ୍ରତିଶତ ପୋଡ଼ି ଯାଇଥିଲା । ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପାରିବାରିକ କଳହ ପାଇଁ କୁନା ଏଭଳି ଚରମ ନିଷ୍ପତ୍ତି ନେଇଥିଲେ ।